ବର୍ଷ-୯
ସଂଖ୍ୟା-୧୯୬
ତା-୦୯ ସେପ୍ଟେମ୍ବର ୨୦୨୨
ଶୁକ୍ରବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-196
Date:09, September 2022
Friday, Page-8, Rs-2/-
POSTAL Regd.No.10120(K)/17/2018-21


ବ୍ରିଟେନର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ପରଲୋକ


ପୁଣି ନୀତିଶଙ୍କ 'ଲାଲୁ ମିଳନ'

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

## ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀର ଉଦ୍‌ଘାଟନ କଲେ ମୋଦୀ

ନୂଆଦିଲ୍ଲୀ , ୦୮/୦୯: ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ସନ୍ଧ୍ୟାରେ ଇଣ୍ଡିଆ ଗେଟ୍‌ରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଗ୍ରାନାଇଟ୍‌ରେ ନିର୍ମିତ ପ୍ରତିମୁର୍ତୀର ଅନାବରଣ କରିଛନ୍ତି । ଏହି ପ୍ରତିମା ସେହି ସ୍ଥାନରେ ସ୍ଥାପିତ କରାଯାଇଅଛି ଯେଉଁଠାରେ ବର୍ଷ ୨୦୨୨ ଆରମ୍ଭରେ (୨୩ ଜାନୁଆରୀ ) ପରାକ୍ରମ ଦିବସ ଅବସରରେ ନେତାଜୀଙ୍କର ହୋଲୋଗ୍ରାମ ପ୍ରତିମାର ସ୍ଥାପନା କରାଯାଇଥିଲା । ଗ୍ରାନାଇଟ୍‌ରେ ନିର୍ମିତ ଏହି ମୁର୍ତୀ ଆମର ସ୍ୱତନ୍ତ୍ରତା ସଂଗ୍ରାମରେ ନେତାଜୀଙ୍କର ଅପାର ଯୋଗଦାନ ତାଙ୍କ ପାଇଁ ହେବ ଅପାର ଶ୍ରଦ୍ଧାଞ୍ଜଳୀ । ଏହି ପ୍ରତିମାର ମୁଖ୍ୟ ମୁର୍ତୀକାର ଅରୁଣ ଯୋଗିରାଜ ଦ୍ୱାରା ତିଆରି କରାଯାଇଅଛି । ଏହି ପ୍ରତିମାର ଉଚ୍ଚତା ୨୮ ଫୁଟର ଏକ ଗ୍ରାନାଇଟ୍ ପଥରରେ ନିର୍ମିତ ଏବଂ ଏହାର ଓଜନ ୬୫ ମେଟ୍ରିକ ଟନ ବୋଲି ଜଣା ଯାଇଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାରଦିନ ଇଣ୍ଡିଆ ଗେଟ୍‌ଠାରେ କର୍ତବ୍ୟ ପଥ ର ଉଦ୍‌ଘାଟନ କରିଛନ୍ତି । ଏହା ପୂର୍ବରୁ ସେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଗ୍ରାନାଇଟ୍‌ରେ ନିର୍ମିତ ୨୮ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୁର୍ତୀର ଅନାବରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡିଆ ଗେଟରେ କର୍ତବ୍ୟ ପଥର ପୁନର୍ବିକାଶ ସହ ଜଡିତ ପ୍ରଦର୍ଶନୀକୁ ବୁଲି ଦେଖିଛନ୍ତି । ଏହା ପୁର୍ବରୁ ସେ ସେଂଟ୍ରାଲ ବିଷ୍ଟା ଆଭେନ୍ୟୁ ର ପୁନର୍ବିକାଶ କାର୍ଯ୍ୟ ରେ ସାମିଲ ହୋଇଥିବା କାରିଗର ମାନଙ୍କ ସହିତ କଥା ହୋଇଛନ୍ତି । ମୋଦି କହିଛନ୍ତି ଯେ ୨୬ ଜାନୁଆରି ଗଣତନ୍ତ୍ର ଦିବସ ପ୍ୟାରେଡ ପାଇଁ ସେଂଟ୍ରାଲ ବିଷ୍ଟାର ପୁନର୍ବିକାଶ ପରିଯୋଜନାରେ କାମକରିଥିବା ସବୁ ଲୋକଙ୍କୁ ଆମନ୍ତ୍ରିତ କରିବେ ।ଜନବିଶିଷ୍ଟ ଗୋଟିକିଆ ମୁଗୁନି ପଥର ଖଣ୍ଡରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ବିଶାଳ ପ୍ରତିମୂର୍ତ୍ତି ଖୋଦେଇ କରିବାରେ ଦଳେ ଭାସ୍କର (ପଥର ଖୋଦେଇ ଶିଳ୍ପୀ) ୨୬,୦୦୦ ଘଣ୍ଟା ବିତାଇ ଥିବା କଥା ବୁଧବାର ଦିନ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ କହିଛି ।ନେତାଜୀଙ୍କର ଏହି ପ୍ରତିମୂର୍ତ୍ତିଟି ନୂଆଦିଲ୍ଲୀସ୍ଥିତ 'ଇଣ୍ଡିଆ ଗେଟ୍'ରେ ସ୍ଥାପନ କରାଯିବ ।ତେଲେଙ୍ଗାନାର ଖାମ୍ମାମ୍‌ରୁ ୧,୬୬୫ କିଲୋମିଟର୍ ଦୂର ନୂଆଦିଲ୍ଲୀକୁ ଉକ୍ତ ମୁଗୁନି ପଥର ଖଣ୍ଡଟିକୁ ବୋହି ଆଣିବା ଲାଗି ୧୪୦ଟି ଚକ ଥିବା ୧୦୦ ଫୁଟ୍ ଲମ୍ବର ଗୋଟାଏ ସ୍ୱତନ୍ତ୍ର ଟ୍ରକ୍ ନିର୍ମାଣ କରାଯାଇଥିଲା ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ସୂଚନା ଦେଇଛି ।ଆଜି ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ବିସ୍ତୃତ ରାସ୍ତା 'କର୍ତ୍ତବ୍ୟ ପଥ' ଉଦ୍‌ଘାଟନ କରିବା ବେଳେ ଇଣ୍ଡିଆ ଗେଟ୍ ?ରେ ସ୍ଥାପିତ ବୋଷଙ୍କର ୨୮ ଫୁଟ୍? ଉଚ୍ଚ ପ୍ରତିମୂର୍ତ୍ତି ମଧ୍ୟ ଉଦ୍?ଘାଟନ କରିବେ ।ବୁଧବାର ଦିନ ନେତାଜୀଙ୍କର ଉକ୍ତ ପ୍ରତିମୂର୍ତ୍ତିକୁ 'ଇଣ୍ଡିଆ ଗେଟ୍'ର 'କ୍ୟାନୋପି'ରେ ସ୍ଥାପନ କରାଯାଇଛି । ପଥର ଖୋଦେଇ ପରେ ଉକ୍ତ ପ୍ରତିମୂର୍ତ୍ତିର ଓଜନ ୬୫ ମେଟ୍ରିକ୍ ଟନ୍ ଥିବା କଥା ସଂସ୍କୃତି ମନ୍ତ୍ରାଳୟ କହିଛି ।ମୁଖ୍ୟ ଭାସ୍କର ଅର୍ଜୁନ ଯୋଗୀରାଜ କହିଛନ୍ତି, ପାରମ୍ପରିକ ପଦ୍ଧତି ଏବଂ ଆଧୁନିକ ଉପକରଣଦ୍ୱାରା ଏହି ପ୍ରତିମୂର୍ତ୍ତିଟିକୁ ସମ୍ପୂର୍ଣ୍ଣରୂପେ ହାତରେ ଖୋଦେଇ କରାଯାଇଛି ।ଏହା ହେଉଛି ଭାରତରେ ସବୁଠୁ ଉଚ୍ଚ, ଜୀବନ୍ତ ଦିଶୁଥିବା ଗୋଟିକିଆ ଶିଳାଖଣ୍ଡରେ ଖୋଦିତ ହସ୍ତନିର୍ମିତ ସ୍ଥାପତ୍ୟଗୁଡ଼ିକ ଭିତରୁ ଗୋଟିଏ। ୨୮୦ ମେଟ୍ରିକ୍ ଟନ୍ ଓଜନବିଶିଷ୍ଟ ଗୋଟିକିଆ ମୁଗୁନି ପଥର ଖଣ୍ଡରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ବିଶାଳ ପ୍ରତିମୂର୍ତ୍ତି ଖୋଦେଇ କରାଯାଇଛି । ନେତାଜୀଙ୍କର ଏହି ପ୍ରତିମୂର୍ତ୍ତିଟି ଆଜି ନୂଆଦିଲ୍ଲୀସ୍ଥିତ 'ଇଣ୍ଡିଆ ଗେଟ୍?'ରେ ସ୍ଥାପନ କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ବିଭିନ୍ନ ରାଜ୍ୟର ବଡ଼ ବଡ଼ ନେତା ଓ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରାଯାଇଥିବା ବେଳେ ସେ ଯୋଗ ଦେବେ ନାହିଁ ବୋଲି ସଫା ସଫା ମନା କରିଦେଇଛନ୍ତି ।ମମତା ବାନାର୍ଜୀଙ୍କୁ ଜଣେ ଉପସଚିବ ନିମନ୍ତ୍ରଣ ପଠାଇଥିବାରୁ ସେ ବିରକ୍ତି ପ୍ରକାଶ କରି କାର୍ଯ୍ୟକ୍ରମରେ ଯୋଗ ଦେବେ ନାହିଁ ବୋଲି କହିଛନ୍ତି । କୋଲକାତା ?ରେ ଏକ ରାଲିରେ ଯୋଗ ଦେଇ ସେ କହିଛନ୍ତି ଯେ, ଗତକାଲି ମୁଁ ଜଣେ ଉପସଚିବଙ୍କଠାରୁ ଏକ ଚିଠି ପାଇଲି ଯେ ପ୍ରଧାନମନ୍ତ୍ରୀ ଗୁରୁବାର ସନ୍ଧ୍ୟା ୭ଟାରେ ନେତାଜୀଙ୍କ ପ୍ରତିମୂର୍ତ୍ତିକୁ ଉଦଘାଟନ କରିବେ ଏବଂ ଆପଣ ସେଠାରେ ସନ୍ଧ୍ୟା ୬ଟାରେ ନିଶ୍ଚୟ ଉପସ୍ଥିତ ରହିବେ। ସତେ ଯେପରି ମୁଁ ସେମାନଙ୍କର ଚାକର। ଜଣେ ଉପସଚିବ ଜଣେ ମୁଖ୍ୟମନ୍ତ୍ରୀଙ୍କୁ କିପରି ଏଭଳି ନିମନ୍ତ୍ରଣ ପତ୍ର ପଠାଇପାରିବ ସଂସ୍କୃତି ମନ୍ତ୍ରୀ କ'ଣ ଏତେ ବଡ ହୋଇଗଲେ ସେଥିପାଇଁ ମୁଁ ଆଜି ଅପରାହ୍ନରେ ମୋ ରାଜ୍ୟରେ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଫୁଲ ମାଳ ପକାଇଥିଲି ।ତେବେ ତେଲେଙ୍ଗାନାର ଖାମ୍ମାମ୍ ?ରୁ ୧,୬୬୫ କିଲୋମିର୍ଟ ଦୂର ନୂଆଦିଲ୍ଲୀକୁ ଉକ୍ତ ମୁଗୁନି ପଥର ଖଣ୍ଡଟିକୁ ବୋହି ଆଣିବା ଲାଗି ୧୪୦ଟି ଚକ ଥିବା ୧୦୦ ଫୁଟ୍ ଲମ୍ବର ଗୋଟାଏ ସ୍ୱତନ୍ତ୍ର ଟ୍ରକ୍ ନିର୍ମାଣ କରାଯାଇଥିଲା । ପ୍ରତିମୂର୍ତ୍ତି ଖୋଦେଇ କରିବାରେ ଦଳେ ଭାସ୍କର (ପଥର ଖୋଦେଇ ଶିଳ୍ପୀ) ୨୬,୦୦୦ ଘଣ୍ଟା ବିତାଇ ଥିଲେ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ସୂଚନା ଦେଇଛି । ଆଜି ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍? ପର୍ଯ୍ୟନ୍ତ ବିସ୍ତୃତ ରାସ୍ତା 'କର୍ତ୍ତବ୍ୟ ପଥ' ଉଦ୍‌ଘାଟନ କରିବା ବେଳେ ଇଣ୍ଡିଆ ଗେଟ୍‌ରେ ସ୍ଥାପିତ ବୋଷଙ୍କର ୨୮ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ମଧ୍ୟ ଉଦ୍‌ଘାଟନ କରିବେ।



## ସୃଷ୍ଟି ହେଲା ଲଘୁଚାପ

### ୧୦ ଓ ୧୧ରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୦୮ ସେପ୍ଟେମ୍ବର – ସକ୍ରିୟ ଘୁର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ-କେନ୍ଦ୍ରୀୟ ତତସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆଗାମୀ ୪୮ଘଂଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ତତସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତୀ ଉତର ଆନ୍ଧ୍ର ଏବଂ ଦକ୍ଷିଣ ଓଡିଶା ଉପକୂଳ ସମୁଦ୍ର ମଧ୍ୟରେ ସୁଦୃଶଃ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଉପକୂଳ ସମେତ ପାର୍ଶ୍ୱବର୍ତୀ ତଥା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗିରହିଛି । ତେବେ ୧୦ ଏବଂ ୧୧ ତାରିଖରେ ସର୍ବାଧିକ ପ୍ରଭାବ ଦେଖିବାକୁ ମିଳିବ । ୧୦ ତାରିଖରେ ୧୧ ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ଅରେଞ୍ଜ ଚେତାବନୀ ଓ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବ ୧୧ ତାରିଖରେ ୧୦ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଓ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ , ଗଜପତି, ଗଂଜାମ , ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## କଟକର ବିଭିନ୍ନ ମିଠା ଦୋକାନରେ ସିଏମସିର ଚଢାଉ

କଟକ , – କଟକର ବିଭିନ୍ନ ମିଠା ଦୋକାନରେ ମହାନଗର ନିଗମ ଫୁଡ୍ ସ୍କ୍ୱାର୍ଡର ଚଢ଼ଉ କରାଯାଇଛି । ଚଢାଉ ସମୟରେ ବହୁ ବାସିମିଠା ଓ ମିଠାରେ ରଙ୍ଗ ମିଶାଯାଇଥିବା ଜବତ କରିଛି ଫୁଡ୍ ସ୍କ୍ୱାର୍ଡ । ଆଗକୁ ଦୁର୍ଗା ପୂଜା ଆସୁଥିବାରୁ ଏହି ସମୟରେ ମିଠା ବିକ୍ରି ଅଧିକ ହୁଏ ତେଣୁ ଏହାକୁ ନଜରରେ ରଖି ଲୋକେ କିଭଳି ଅସ୍ୱାସ୍ଥ୍ୟକର ଜିନିଷ ନ ଖାଇବ ତେଣୁ ଏହି ରେଡ୍ କିରିଛି ସିଏମସି । କିଛି ଦୋକାନ ସିଲ୍ କରାଯିବା ସହ ଅନେକ ଦୋକାନ ମାଲିକଙ୍କୁ ତାଗିଦ୍ କରିଛି ସିଏମସିର ସ୍ୱାସ୍ଥ୍ୟ ବିଭାଗ ।ଦୁର୍ଗାପୂଜା ଆସୁଥିବାରୁ ସମସ୍ତେ ଖୁସିରେ ମସଗୁଲ । ଆଉ ଏହି ଖୁସିକୁ ବୟାନ କରିବା ପାଇଁ ମିଠା ଖୁଆଇ ସମସ୍ତେ ଏହି ପର୍ବରେ ଆନନ୍ଦିତ ହୋଇଥାନ୍ତି । ହେଲେ ଟିକେ ନଜର ପକାନ୍ତୁ ଯେଉଁ ମିଠାକୁ ଆପଣ ଖାଇବେ ତାହା କେତେ ସ୍ୱାସ୍ଥ୍ୟକର । ଉପରକୁ ଦେଖାଯାଉଥିବା ସୁନ୍ଦର ମିଠା ଭିତରେ କଣ ରହିଛି ।

## ରାଜଧାନୀରେ ଆଦିତ୍ୟ ଆଲୁମିନା ପ୍ରକଳ୍ପ ବିସ୍ଥାପିତ ପ୍ରଭାବିତ ଅଂଚଳ ବାସୀଙ୍କ ଧାରଣା

ଭୁବନେଶ୍ୱର, ୦୮ ସେପ୍ଟେମ୍ବର – ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ହରାଇ ବିସ୍ଥାପିତ ହୋଇଥିବା ଲୋକମାନେ ଧାରଣା ଦେଇଥିଲେ । ସେମାନଙ୍କର ମୁଖ୍ୟ ଦାବି ହେଉଛି କଂସାରୀଗୁଡାଠାରେ ତୁରନ୍ତ ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା କରାଯାଉ, ନଚେତ୍ ଇଉ୍‌କୋ ଦ୍ୱାରା ଦୀର୍ଘ ୧୮ ବର୍ଷ ତଳୁ ପ୍ରକଳ୍ପ ନାଁରେ ଅଧିଗ୍ରହଣ କରାଯାଇଥିବା ଆମ ଜମି ଗୁଡ଼ିକୁ ଫେରାଇ ଦିଆଯାଉ । ବିଶେଷକରି ତିନିଗୋଟି ଗ୍ରାମ ପଂଚାୟତ ଯଥା- ପୋଡ଼ପଡ଼ି, ବାଙ୍କମ୍ବ ଓ ଓଡ଼ିଆପେଣ୍ଠ ରୁ ୧୫୦୦ ଏକରରୁ ଉର୍ଦ୍ଧ୍ୱ ଜମି ଇଡ୍‌କୋ ଅଧିଗ୍ରହଣ କରି ହିଣ୍ଡାଲ୍‌କୋ କମ୍ପାନୀ ତରଫରୁ ଏକ ବୃହତ୍ ଆଲୁମିନା ବିଶୋଧନାଗାର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଥିଲା ଯାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ଆମେସବୁ ବଡ଼ ଆଶାରେ ଶିଳ୍ପ ପ୍ରତିଷ୍ଠା ହେବ ଏବଂ ଆମର ପିଲାମାନେ ନିଯୁକ୍ତି ପାଇବେ ଏଥିପାଇଁ ଜମି ଅଳ୍ପ କିଛି ମୂଲ୍ୟରେ ଦେଇଥିଲୁ । କିନ୍ତୁ କମ୍ପାନୀ ଆଜି ପର୍ଯ୍ୟନ୍ତ ଶିଳ୍ପ ପ୍ରତିଷ୍ଠା କଲାନାହିଁ, ଆମେ ଜମି ହରାଇଲୁ, ଆମ ପିଲାମାନେ କୌଣସି ରୋଜଗାର ପାଇଲେ ନାହିଁ । ତେଣୁ ତୁରନ୍ତ ଆମ ଜମି ଫେରାଇ ଦିଆଯାଉ ବୋଲି ବାରମ୍ବାର ଦାବି କରିବା ସତ୍ୱେ ସରକାର କୌଣସି କର୍ଣ୍ଣପାତ କରୁନାହାଁନ୍ତି । ଏପରିକି ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ୱେ ମଧ୍ୟ ଏବଂ ଆଦିତ୍ୟ ଆଲୁମିନାକୁ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଚିଠି ଦେଇଥିଲେ ମଧ୍ୟ କମ୍ପାନୀ କର୍ତୃପକ୍ଷ କିଛି ଶୁଣୁ ନଥିବାରୁ ବଡ଼ ଦୁଃଖ ଏବଂ ଜଟିଳତା ଭିତରେ ଗ୍ରାମବାସୀମାନେ କାଳ କାଟୁଛନ୍ତି ବୋଲି କହିଛନ୍ତି । ଏଣୁ ଏଥରକ ମଧ୍ୟ ସରକାରଙ୍କୁ ପୁନର୍ବାର ଆଦିତ୍ୟ ଆଲୁମିନା କମ୍ପାନୀ ପ୍ରତିଷ୍ଠା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସଂଗେସଂଗେ ଯଥାଶୀଘ୍ର ପରିବେଶ ମଞ୍ଜୁରୀ ଏବଂ ଖଣି ସମସ୍ୟା ଓଏମ୍.ସି ସହ ଆଲୋଚନା କରି ପଦକ୍ଷେପ ନେବାପାଇଁ ଅନୁରୋଧ କରିବା ପରିପ୍ରେକ୍ଷୀରେ ଆଜି ବହୁ ସଂଖ୍ୟାରେ ବିସ୍ଥାପିତ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବା ଉଦ୍ଦେଶ୍ୟରେ ରାଜଧାନୀ ଆସିଛୁ ବୋଲି କହିଛନ୍ତି ଆଦିତ୍ୟ ଆଲୁମିନା ଆ ଲିକ ବିକାଶ ପରିଷଦର ସଭାପତି ଦୌଲ ଚୌଧୁରୀ । ସେହିଭଳି ସରକାର ଯଦି ଆମ ସମସ୍ୟା ତୁରନ୍ତ ସମାଧାନ ନ କରନ୍ତି ତେବେ ଆମେ ଏଠାରୁ ଆଉ ଯିବୁନାହିଁ, ଧାରଣା ଅବ୍ୟାହତ ରଖିବୁ ବୋଲି କହିଛନ୍ତି ରାୟଗଡ଼ା ଜିଲ୍ଲା ଦଳିତ ସେଲ୍‌ର ଅଧକ୍ଷ ତଥା ଜମି ହରାଇଥିବା ବିସ୍ଥାପିତ ସଂଘର ସମ୍ପାଦକ ରାଜେନ୍ଦ୍ର ଦୁରିଆ ।

## ବନ୍ୟା କ୍ଷୟକ୍ଷତି ରିପୋର୍ଟ ନେଇ ଶ୍ୱେତ ପତ୍ର ଜାରି କରନ୍ତୁ ରାଜ୍ୟ ସରକାର – ବିଜେପି

ଭୁବନେଶ୍ୱର, ୦୮ ସେପ୍ଟେମ୍ବର – ରାଜ୍ୟ ସରକାର ବନ୍ୟା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । – ଏବେ ସରକାର ଯେଉଁ କ୍ଷୟକ୍ଷତି ରିପୋର୍ଟ ଦେଇଛନ୍ତି ତାହା ତରବରିଆ ତିଆରି ହୋଇଛି । ତେଣୁ ବନ୍ୟା କ୍ଷୟକ୍ଷତି ରିପୋର୍ଟ ନେଇ ରାଜ୍ୟ ସରକାର ଶ୍ୱେତ ପତ୍ର ଜାରୀ କରନ୍ତୁ ବୋଲି ବିଜେପି ପକ୍ଷରୁ ଦାବି କରାଯାଉଛି । ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଏଠାରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୧୨୮ କୋଟି ଟଙ୍କା ସହାୟତା ରାଶି ଘୋଷଣା ସମ୍ପୂର୍ଣ୍ଣ ତ୍ରୁଟି ପୁର୍ଣ୍ଣ ।

## ଚାନ୍ଦିପୁରରୁ କ୍ୟୁଆରଏସଏଏମ୍ ର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୦୮/୦୯: ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ସେନା ଓଡ଼ିଶା ଉପକୂଳର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି (ଆଇଟିଆର)ରୁ କୁଇକ୍ ରିଆକ୍ସନ୍ ସର୍ଫେସ୍ ଟୁ ଏୟାର ମିସାଇଲ୍ (କ୍ୟୁଆରଏସଏଏମ) ବ୍ୟବସ୍ଥାର ପରୀକ୍ଷଣକୁ ସଫଳତାର ସହ ସମାପ୍ତ କରିଛନ୍ତି । ଭାରତୀୟ ସେନା ଦ୍ୱାରା ମୂଲ୍ୟାଙ୍କନ ପରୀକ୍ଷଣର ଏକ ଅଂଶ ଭାବରେ ଏହି ପରୀକ୍ଷା କରାଯାଇଥିଲା ।ବିଭିନ୍ନ ପରିସ୍ଥିତିରେ ଅସ୍ତ୍ରଶସ୍ତ୍ରର ମାରକ କ୍ଷମତାକୁ ଆକଳନ କରିବା ପାଇଁ ବିଭିନ୍ନ ପ୍ରକାରର ବିପଦକୁ ଠାବ ସହିତ ଆକାଶରେ ଆସୁଥିବା ଦ୍ରୁତଗାମୀ ଲକ୍ଷ୍ୟ ବିରୁଦ୍ଧରେ ଏହି ପରୀକ୍ଷା କରାଯାଇଥିଲା, ଯେଉଁଥିରେ ଦୂରଗାମୀ ମଧ୍ୟମ ଉଚ୍ଚତା, ସ୍ୱଳ୍ପ ଦୂରତା, ଅଧିକ ଉଚ୍ଚତାରେ ଲକ୍ଷ୍ୟକୁ ପରିଚାଳନା, କମ୍ ଉଚ୍ଚତାରେ ରାଡାର ଦ୍ୱାରା ଏହାକୁ ଠାବ କରିବା ସହିତ ଲକ୍ଷ୍ୟଭେଦ ଏବଂ ସାମୂହିକ ଭାବେ ଦୁଇଟି କ୍ଷେପଣାସ୍ତ୍ରକୁ କ୍ରମାଗତ ଭାବରେ ଛଡାଯାଇଥିଲା । ଉଭୟ ଦିନ ଓ ରାତି ପରିସ୍ଥିତିରେ ଏହାର କାର୍ଯ୍ୟଦକ୍ଷତାକୁ ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା ।ଏହି ପରୀକ୍ଷଣ ସମୟରେ, ଅତ୍ୟାଧୁନିକ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ୱାରହେଡ୍ ଚେନ୍ ସହିତ କଂଟ୍ରୋଲ୍ ଆଲଗୋରିଦମ ଅସ୍ତ୍ର ପ୍ରଣାଳୀର ଶତ ପ୍ରତିଶତ ସଠିକତାରସହ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଥିଲା । ଆଇଟିଆର ଦ୍ୱାରା ନିୟୋଜିତ ଟେଲିମେଟ୍ରି, ରାଡାର ଏବଂ ଇଲେକ୍ଟ୍ରୋ ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ୍ (ଇଓଟିଏସ୍) ପରି ଅନେକ ଯନ୍ତାଂଶ ଦ୍ୱାରା ଏକତ୍ର ହୋଇଥିବା ତଥ୍ୟରୁ ଏହାର କାର୍ଯ୍ୟଦକ୍ଷତା ନିଶ୍ଚିତ ହୋଇଛି । ଏହି ଉତକ୍ଷେପଣ ସମୟରେ ଡିଆରଡିଓ ଏବଂ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହି ପରୀକ୍ଷଣଗୁଡିକ ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସି (ଆରଏଫ୍) ସନ୍ଧାନକାରୀ, ଭ୍ରାମ୍ୟମାଣ ଲଂଚର୍, ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କମାଣ୍ଡ ଏବଂ କଂଟ୍ରୋଲ୍ ସିଷ୍ଟମ୍, ସିସିଟିଭି ଏବଂ ମଲ୍ଟି ଫଙ୍କସନ୍ ରାଡାର ସହିତ ସମସ୍ତ ସ୍ୱଦେଶୀ-ବିକଶିତ ସବ୍-ସିଷ୍ଟମକୁ ନେଇ ଚୂଡାନ୍ତ ପରୀକ୍ଷଣ କରାଯାଇଥିଲା । କ୍ୟୁଆରଏସଏଏମ୍ ଅସ୍ତ୍ର ପ୍ରଣାଳୀର ସ୍ୱତନ୍ତ୍ରତା ହେଉଛି ଏହା ସର୍ଚ୍ଚ ଏବଂ ଟ୍ରାକ୍ ସାମର୍ଥ୍ୟ ଏବଂ ଅଳ୍ପ ସମୟରେ ଉତକ୍ଷେପଣ କରିପାରିବ । ଏହା ପୂର୍ବରୁ କରାଯାଇଥିବା ପରୀକ୍ଷା ସମୟରେ ଏହା ପ୍ରମାଣିତ ହୋଇଛି ।ସଫଳ ପରୀକ୍ଷଣ ପାଇଁ ରକ୍ଷାମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓ ଏବଂ ଭାରତୀୟ ସେନାକୁ ପ୍ରଶଂସା କରିଛନ୍ତି । ସେ ଆତ୍ମବିଶ୍ୱାସର ସହ ଦର୍ଶାଇଛନ୍ତି ଯେ ସଶସ୍ତ୍ର ବାହିନୀ ପାଇଁ କ୍ୟୁଆରଏସଏଏମ୍ ଅସ୍ତ୍ର ପ୍ରଣାଳୀ ଏକ ଉତ୍କୃଷ୍ଟ ଶକ୍ତି ହେବ ।



## ଅକ୍ଟୋବର ୨୮ ରେ ଧଉଳି ଶାନ୍ତିସ୍ତୁପର ସୁବର୍ଣ୍ଣ ଜୟନ୍ତୀ , ଯୋଗଦେବେ ୧୫୦ ବୌଦ୍ଧ ସନ୍ୟାସୀ



ଭୁବନେଶ୍ୱର,୦୮/୦୯: ୧୯୭୨ ମସିହାରେ ଧଉଳି ପାହାଡରେ ପ୍ରତିଷ୍ଠିତ ବିଶ୍ୱବିଦିତ ଶାନ୍ତିସ୍ତୁପ ଏବଂ ବୌଦ୍ଧ ପୁଣ୍ୟପୀଠ ଚଳିତ ବର୍ଷ ୫୦ ବର୍ଷ ପୁରଣ କରୁଛି । ଏହାକୁ ସ୍ମରଣୀୟ କରିବା ନିମନ୍ତେ ଶାନ୍ତିସ୍ତୁପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଏଥିପାଇଁ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ ନିମନ୍ତେ ସ୍ଥିର ହୋଇଥିଲା । ଏଥିରେ ପୃଥିବୀର ବିଭିନ୍ନ ଦେଶରୁ ପ୍ରାୟ ୧୫୦ ବୌଦ୍ଧ ସନ୍ୟାସୀ ଯୋଗ ଦେବାର ସମ୍ଭାବନା ଅଛି । ମୁଖ୍ୟ ଉତ୍ସବ ଦିନ ଭୁବନେଶ୍ୱରରୁ ଧଉଳି ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହେବ ବୋଲି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଓଡ଼ିଶା ସରକାର ଏବଂ କଳିଙ୍ଗ ନିପ୍ପୋନ୍ ବୁଦ୍ଧ ସଂଘ ସହଭାଗିତାରେ ପ୍ରତିଷ୍ଠିତ ଏହି କିର୍ତୀସ୍ତମ୍ଭର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଆର୍ଥିକ ଏବଂ ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବ । ବର୍ତମାନ ଓଡ଼ଶା ସରକାରଙ୍କ ତରଫରୁ ପ୍ରାୟ ୧.୮୭ କୋଟି ଟଙ୍କା ବ୍ୟୟବରାଦରେ କରାଯାଉଥିବା ଶାନ୍ତିସ୍ତୁପ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚଳିତ ମାସ ଶେଷସୁଦ୍ଧା ସାରିବା ପାଇଁ ଶ୍ରୀ ମହାପାତ୍ର ପୂର୍ତ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶାନ୍ତିସ୍ତୁପକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ ଓ ଆଲୋକିକରଣ କାର୍ଯ୍ୟ ଉତ୍ସବର ବହୁ ଆଗରୁ ସାରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ମଂଚ ପ୍ରସ୍ତୁତି, ସାଜସଜ୍ଜା, ବିଭିନ୍ନ ଦେଶରୁ ଆସୁଥିବା ସନ୍ୟାସୀ ଓ ପ୍ରତିନିଧି ମାନଙ୍କର ଆଗମନ, ରହଣୀ, ଉତ୍ସବରେ ଯୋଗଦାନ, ଆତିଥ୍ୟ ଆଦି ବିଷୟରେ ସବିଶେଷ ଯୋଜନା ଏବଂ ଖର୍ଚ୍ଚ ଆକଳନ କରି ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାଖଲ କରିବା ପାଇଁ ଶ୍ରୀ ମହାପାତ୍ର ସ୍ଥାନୀୟ ଧଉଳି ଉନ୍ନୟନ କମିଟିଙ୍କୁ ପରାମର୍ଶ ଦେଇଥିଲେ । ଏହି କମିଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିବ । ଧଉଳିରେ ସ୍ଥାପନ କରାଯାଇଥିବା ବିଭିନ୍ନ ପ୍ରକାର ପର୍ଯ୍ୟଟକ ସୁବିଧା କେନ୍ଦ୍ର, ରାସ୍ତା ଆଲୋକ ଆଦିର ରକ୍ଷଣା ବେକ୍ଷଣ ଓ ପରିସରର ପରିଚ୍ଛନ୍ନତା ଆଦି କାର୍ଯ୍ୟ ନିୟମିତ ଭାବେକରିବା ପାଇଁ ଏହି ସ୍ଥାନୀୟ କମିଟିଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘର ସାମ୍ବିଧାନିକ ସମ୍ମିଳନୀ



କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘର ସାମ୍ବିଧାନିକ ସମ୍ମିଳନୀ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ସଙ୍ଘର ପୂର୍ବତନ ସମ୍ପାଦକ ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଙ୍ଘର ସଭାପତି ଭାବେ ଅକ୍ଷୟ କୁମାର ନାୟକ, ଉପସଭାପତି ଭାବେ ସିଦ୍ଧାର୍ଥ ଶଙ୍କର ନାୟକ, ଉପେନ୍ଦ୍ର ସାହୁ ଓ ମାଧୁରୀ ଭଦ୍ର, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦୀପ୍ତ କୁମାର ନାୟକ, ସାଧାରଣ ସମ୍ପାଦକ ମହେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ଲାଲାବାବୁ ଖାଁ ଓ ସେକ ସନୱାର, ସହ ସମ୍ପାଦକ ନିର୍ମଳ ସ୍ୱାଇଁ, କୋଷାଧକ୍ଷ ଅଭୟ କୁମାର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବରେ ଆଳି ବ୍ଲକରୁ ସେକ ହିସାବଉଦ୍ଦିନ, ରାଜକନିକାରି ରୁବିନା ଖାତୁନ, ରାଜନଗରରୁ ଦୀପକ ରାଉତ, ପଟ୍ଟାମୁଣ୍ଡାଇରୁ ଅକ୍ଷୟ କୁମାର ମହାନ୍ତି, କେନ୍ଦ୍ରାପଡାରୁ ଗଜେନ୍ଦ୍ର ପ୍ରସାଦ ସେଠୀ, ଡେରାବିଶରୁ ଧିରେନ୍ଦ୍ର ରାଉଳ, ଗରଦପୁରରୁ ବୈଦ୍ୟନାଥ ସ୍ୱାଇଁ, ମହାକାଳପଡାରୁ ଧିରେନ୍ଦ୍ର ସାହୁ, ମାର୍ଶାଘାଇରୁ ସବନମ ଆରା, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ତନ୍ମୟୀ ସେଠୀ, କେନ୍ଦ୍ରାପଡା ପୌରାଞ୍ଚଳରୁ ଶଶିରେଖା ସାମଲ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଦେବେନ୍ଦ୍ର ନାଥ ଜେନା, ମହେନ୍ଦ୍ର କୁମାର ମଲ୍ଲିକ, ଅଶୋକ କୁମାର ଦାସ, ବଙ୍କିମ ବିହାରୀ ମହାନ୍ତି, ତପନ କୁମାର ଦାସ ଓ ପ୍ରଭାତୀ ସ୍ୱାଇଁ ପ୍ରମୁଖ ରହିଛନ୍ତି। ସଙ୍ଘର ସମସ୍ତ ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ। ଚଳିତ ବର୍ଷ ହିନ୍ଦୀ ଦିବସ ପାଳନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ବଙ୍କିମ ବିହାରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମା'କୁମ୍ଭି ମଙ୍ଗଳା ଯୁବ ପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ମା' କୁମ୍ଭି ମଙ୍ଗଳା ଯୁବ ପରିଷଦ ପକ୍ଷରୁ ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କ ପୂଜା ଅବସରରେ ଏକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପରିଷଦର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତଉତ୍ସବରେ ମୁଖ୍ୟ ଅତିଥି ଭାବେ ୮ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ କଳ୍ପନା ମହାନ୍ତି, ସମାଜସେବୀ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୋଗଦେଇ ଯୁବ ପରିଷଦର



ବିଭିନ୍ନ ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଉତ୍ସବକୁ ସରପଞ୍ଚ ଶ୍ରୀମତୀ ମହାନ୍ତି ଉଦଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ପରିଷଦ ପକ୍ଷରୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଷଦର ସମ୍ପାଦକ ସରୋଜକାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦର ସମସ୍ତ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି ପରିବେଷଣ କରାଯାଇଥିଲା।

# ନିଖୋଜ ଛାତ୍ରୀଙ୍କ ମୃତଦେହ ପୋଖରୀରୁ ଉଦ୍ଧାର : ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଯାଜପୁର, (ନି.ପ୍ର.) : ଟ୍ୟୁସନ ଯାଇଥିବା ନାବାଳିକା ଛାତ୍ରୀ ନିଖୋଜ ହେବା ଏବଂ ପରେ ତାଙ୍କ ମୃତଦେହ ମଙ୍ଗଳପୁର ଥାନା ଅନ୍ତର୍ଗତ ନନ୍ଦିପୁର ଛକ ନିକଟ ପୋଖରୀରୁ ଉଦ୍ଧାର ହେବା ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବରିକୂଳ ଗ୍ରାମର ଅମୂଲ୍ୟ ଦାସଙ୍କ ଝିଅ ଅମ୍ରିତା ଦାସ ନବମ ଶ୍ରେଣୀରେ ପାଠ ପଢନ୍ତି । ଗତକାଲି ସନ୍ଧ୍ୟା ୬ଟାରେ ଛାତ୍ରୀ ଜଣକ ସବୁଦିନ ଭଳି ନନ୍ଦିପୁରକୁ ଟ୍ୟୁସନ ଯାଇଥିଲେ । ହେଲେ ନିର୍ଦ୍ଧାରିତ ସମୟରେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ଚାରିଆଡେ ଖୋଜାଖୋଜି କରିଥିଲେ । ପରେ ରାତି ୧୦ଟା ରେ ନନ୍ଦିପୁର ଛକ ନିକଟ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୋଖରୀ କୂଳରୁ ତାଙ୍କ ବ୍ୟାଗ୍ ଠାବ ହୋଇଛି । ଅନ୍ୟପକ୍ଷରେ ପୋଖରୀରୁ ମୃତଦେହ ଉଦ୍ଧାର ପରେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । କମେଟ ମରା ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପରିବାର ପକ୍ଷରୁ ଏନେଇ ମଙ୍ଗଳପୁର ଥାନାରେ ଏତଲା ହୋଇଛି । ଏତଲାକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ



କଟକ, (ନି.ପ୍ର.) : କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ସମିତି ସଭାଗୃହରେ ଓଡ଼ିଆ ଭାଗବତର ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି । ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଡ଼ଃ ବାବାଜୀ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଜ୍ଞାନୀ ଦେବାଶୀଷ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଜଗନ୍ନାଥ ଦାସଙ୍କ ରଚିତ ଶ୍ରୀମଦ୍ ଭାଗବତ ହେଉଛି ଓଡ଼ିଆ ସାହିତ୍ୟର ପ୍ରାଣକେନ୍ଦ୍ର । ଓଡ଼ିଆ ଜାତିର ସଂସ୍କୃତି, ମୂଲ୍ୟବୋଧ ଓ ସହନଶୀଳତା ସବୁ ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ଏହା ଆମ ଜାତିକୁ ଏକାଠି କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଡ଼ାକ୍ତର ନିମାଇଁ ଚରଣ ପରିଜା, ବିଚିତ୍ରାନନ୍ଦ ମିଶ୍ର, ପଣ୍ଡିତ ପ୍ରଦୀପ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ମିଶ୍ର, ନକୁଳ ଚନ୍ଦ୍ର ମହାରଣା, କବି ଲକ୍ଷ୍ମୀଛଡ଼ା, ବୈଷ୍ଣବ ପରିଡ଼ା, ପ୍ରତିମା ଶତପଥୀ, ସୁକାନ୍ତି ମହାନ୍ତି, କୋକିଳସ୍ୱରା ପାତ୍ର, ମୁକେଶ ସୋନୀ, ବିଦ୍ୟୁତ ଲାଲା, କୁମାରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଉପସଭାପତି ଅରୁଣା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୂଚାନା ଅଧିକାର କର୍ମୀଙ୍କୁ ଆକ୍ରମଣ ଘଟଣାରେ ଏସପି ଅଫିସ ଘେରାଉ

ପୁରୀ ) – ଛଇତନାର ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତିଙ୍କୁ ଆକ୍ରମଣ ଘଟଣାରେ ଆଜି ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏସପି ଅଫିସ ଘେରାଉ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ କରାନଗଲେ ନବୀନ ନିବାସ ଘେରାଉ କରିବେ ବୋଲି ଅଭିଯାନ ପକ୍ଷରୁ ଦାବି କରାଯାଇଥିଲା । ଏ ସଂପର୍କରେ ଏକ ସ୍ମାରକପତ୍ର ଏସପିଙ୍କୁ ଦିଆଯାଇଥିଲା । ସେପ୍ଟେମ୍ବର ୧୨ ତାରିଖରେ ନବୀନ ନିବାସ ଘେରାଉ କରିବେ ବୋଲି ଚେତାବନି ଦେଇଛନ୍ତି । ଅଗଷ୍ଟ ୨୮ ତାରିଖରେ ସନ୍ତୋଷ ମହାନ୍ତିଙ୍କୁ ମରଣାତ୍ମକ ଆକ୍ରମଣ କରି ରାସ୍ତାରେ ଫିଙ୍ଗି ଦେଇଥିଲେ । ଏହାର ତଦନ୍ତ ଦାୟୀତ୍ୱ ସ୍କୋଶାଲ ସ୍କ୍ୱାର୍ଡ଼କୁ ଦେବା ପାଇଁ ଏସପିଙ୍କୁ ନିବେଦନ କରିଥିଲେ । ଏହି ଘେରାଉରେ ସନ୍ତୋଷ ମହାନ୍ତି,ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ପବିତ୍ର ମୋହନ ଦଳାଇ, ଅବିନାଷ ମିଶ୍ର, ଦିବାକର ପ୍ରଧାନ, ନିରଞ୍ଜନ ସାହୁ, ବାବିନା ଜେନା, ବଟ ପ୍ରଧାନ, ସୁମିତ୍ରା ବାରିକ, ମୋନିକା ପାଲିକ୍ , ସୁବାସ ସେଠୀ, ବିକ୍ରମାଦତ ପରିଡ଼ା, ଶିତୁ ପୃଷ୍ଟିଙ୍କ ପ୍ରମୁଖ ଯୋଗ ଦେଇଥିଲେ ।

# ଶ୍ରୀ ଜଗନ୍ନାଥ ଷ୍ଟଡି ସର୍କଲ ପକ୍ଷରୁ ଗୁରୁଦିବସ ପାଳିତ

କଟକ, (ନି.ପ୍ର.) : ପବିତ୍ର ଗୁରୁ ଦିବସ ଅବସରରେ କଟକ ପୋତାପୋଖରୀ ସ୍ଥିତ ଶ୍ରୀ ଜଗନ୍ନାଥ ଷ୍ଟଡି ସର୍କଲ ପକ୍ଷରୁ ନୂଆ ବଜାର ସ୍ଥିତ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠାନର ନିର୍ଦ୍ଦେଶିକା ମାମିନା ପାଲଙ୍କ ତତ୍ତ୍ୱାବଧାନରେ ଗୁରୁଦିବସ ତଥା ଗୁରୁପୂର୍ଣ୍ଣିମା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷାବିତ୍ ଅଜିତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଦାନ ପ୍ରତି ଗୁରୁଙ୍କର ଯେଉଁ ଅବଦାନ ରହିଛି ତାହା ସଦା ସର୍ବଦା ଅତୁଳନୀୟ ଅଟେ ବୋଲି କହିଥିଲେ ।



ସମ୍ମାନିତ ଅତିଥିଭାବେ ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ ପତିଙ୍କ ସମେତ ବହୁ ଶିକ୍ଷାନୁଷ୍ଠାନର ଶିକ୍ଷାବିତ୍ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀଙ୍କ ଉଭରତୋର କାମନା କରିଥିଲେ ।

ଏହି ଅବସରରେ ବିଭିନ୍ନ ଶିକ୍ଷା କେନ୍ଦ୍ରରେ ଶିକ୍ଷାଦାନ କରୁଥିବା ଶିକ୍ଷାବିତ୍ ଏବଂ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ପଟଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜସେବୀ ତୀର୍ଥବାସୀ ବେହେରା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

# 'ଏମିତି ପରିବାର' ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




କଟକ, (ନି.ପ୍ର.) : କଟକ ସହରର ଭାଇଚାରାକୁ ବଜାୟ ରଖିବା ପାଇଁ କଟକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଏମିତି ପରିବାର ପକ୍ଷରୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଜେଡ଼ିର ବରିଷ୍ଠ ନେତା ସଞ୍ଜୟ ଜେନାଙ୍କ ଅଧ୍ୟକ୍ଷତାରେ ମହାନଦୀବିହାର ସ୍ଥିତ ଜଷ୍ଟିସ ଛକ ଠାରେ ଗଣେଶ ଭାଷାଣକୁ ନେଇ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୪୭ ନମ୍ବର ୱାର୍ଡ୍ ତଥା ମହାନଦୀ ବିହାର, ଶିଖରପୁର ଏବଂ ଗଣ୍ଡରପୂର୍ ଅଞ୍ଚଳର ସମସ୍ତ ଗଣେଶ ମେଢ କରିଥିବା କ୍ଲବର ସଭାପତି, ସମ୍ପାଦକ ଏବଂ ସଦସ୍ୟମାନଙ୍କୁ ଉତ୍ତରୀୟ ସହ ମିଠା ହାଣ୍ଡି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ପର୍ବତନ ବିଧାୟକ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ, ଯୁବ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ଭଷାଣ ପର୍ବରେ ସାମିଲ ହୋଇଥିବା ମେଢଗୁଡିକୁ ସମ୍ବର୍ଦ୍ଧନା କରିବା ସଙ୍ଗେ ସଙ୍ଗେ ସମାଜସେବୀ, ମହିଳା ସମିତି, ପେନସନ ସଂଘର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ସମ୍ମାନିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡେଇ, ନଗର କମିଟିର ସମ୍ପାଦକ ତାପସ ମହାନ୍ତି, ଉପସଭାପତି ରାଜେନ୍ଦ୍ର ରଣା, ପ୍ରଳୟା ବେଉରା, ଚିରଞ୍ଜୟ ସାହୁଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତିମାନେ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଏମିତି ପରିବାରର ସମ୍ପାଦକ ରଞ୍ଜନ ବେହେରା, ଉତ୍ସବ କମିଟିର ସଭାପତି ସୀତା ଷଡ଼ଙ୍ଗୀ, ସମ୍ପାଦକ ରିତେଶ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ ।

# ଧର୍ମପରାୟଣା ମହିଳା ପ୍ରେମଲତା ଖୁଁଟିଆଙ୍କ ପରଲୋକ

କଟକ, (ନି.ପ୍ର.) : କଟକ ୫୨ନଂ ୱାର୍ଡସ୍ଥିତ ରାଜେନ୍ଦ୍ର ନଗର ଅଂଚଳର ଜଗନ୍ନାଥ ଲେନ ନିବସୀ ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ଅମର ବଲ୍ଲଭ ଖୁଂଟିଆଙ୍କ ସହଧର୍ମିଣୀ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ କ୍ୟାବିନେଟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଶାଶୁ ପ୍ରେମଲତା ଖୁଂଟିଆଙ୍କ (୮୦) ବର୍ଷ ବୟସରେ ପରଲୋକ ହୋଇଯାଇଛି । ଶେଷ ସମୟରେ ୫ ଝିଅ-ଜ୍ୱାଇଁଙ୍କ ସମେତ ସମସ୍ତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ସେ ଏକାଧାରାରେ ଜଣେ ଧର୍ମପରାୟଣା, ମେଳାପୀ ଓ ମିଷ୍ଟଭାଷୀ ମହିଳାଭାବେ ବେଶ ପରିଚିତ ଅଟନ୍ତି । ସ୍ୱର୍ଗତ



**ଶୋକବ୍ୟକ୍ତ କଲେ ପୂର୍ବତନ ବିଧାୟକ ଡଃ ପ୍ରଭାତ ବିଶ୍ୱାଳ**

ଖୁଂଟିଆଙ୍କ ପରଲୋକଗତ ଖବର ଶୁଣି ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ ରାଜେନ୍ଦ୍ରନଗର ସ୍ଥିତ ବାସଭବନରେ ପହଂଚି ମର ଶରୀର ଉପରେ ଭକ୍ତି ପୂତ ଶ୍ରଦ୍ଧା ସୁମନ ଚଢ଼ାଇ ଗଭୀର ଶୋକବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ଡା ମୃତ୍ୟୁଞ୍ଜୟ ମହାପାତ୍ର, ଡା ସତ୍ୟନରାୟଣ ରାଉତରାୟ, ପୂର୍ବତନ କର୍ପୋରେଟର ରଂଜନ ବିଶ୍ୱାଳ, ଶିକ୍ଷାବିତ୍ ଲୋକନାଥ ବେହେରା, ସମାଜସେବୀ ବିନୟ କେତନ ଚୌଧୁରୀଙ୍କ ସମେତ ଅଂଚଳର ବହୁ ମୁରବୀବୃନ୍ଦ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଭଣଜା ଦେବାଶିଷ ବିଶ୍ୱାଳ ମୁଖାଗ୍ନୀ ଦେଇଥିଲେ ।

## କେନ୍ଦ୍ରାପଡାରେ ସର୍ବୋଦୟ ମଣ୍ଡଳ ଜିଲ୍ଲା କମିଟି ଗଠିତ

# ଗାନ୍ଧୀ ବିଚାରଧାରାକୁ ଆଗକୁ ନେବାକୁ ହେବ

କେନ୍ଦ୍ରାପଡ଼ା, (ନି.ପ୍ର.) : ଦେଶରେ ଏବେ ଗାନ୍ଧିବାଦୀ ବିଚାର ଓ ପ୍ରତିଷ୍ଠାନ ଗୁଡିକ ଉପରେ କ୍ରମାଗତ ଭାବେ ବଢି ଚାଲିଥିବା ଆକ୍ରମଣ ବିରୋଧରେ ଦେଶ ତମାମ ବିଭିନ୍ନ ଗାନ୍ଧିବାଦୀ ବ୍ୟକ୍ତିବିଶେଷ ଓ ସଂଗଠନ କ୍ରିୟାଶୀଳ ହେଉଥିବା ପରିପେକ୍ଷୀରେ କେନ୍ଦ୍ରାପଡାରେ ସର୍ବୋଦୟ ମଣ୍ଡଳର ଜିଲ୍ଲା କମିଟି ପୁନର୍ଗଠିତ ହୋଇଯାଇଛି । ଏଥି ଉପଲକ୍ଷେ ସମାଜସେବୀ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ଗାନ୍ଧିବାଦୀ ବିଚାର ଓ କାର୍ଯ୍ୟକ୍ରମକୁ ଆଗେଇ ନେଉଥିବା ତଥା ସର୍ବୋଦୟ ନୀତିକୁ ଗ୍ରହଣ କରୁଥିବା ବ୍ୟକ୍ତିମାନେ ସର୍ବୋଦୟ ମଣ୍ଡଳର ଜିଲ୍ଲା କମିଟି ଗଠନ କରି କାର୍ଯ୍ୟକ୍ରମକୁ ଗତିଶୀଳ କରିବା



ପାଇଁ ଆଲୋଚନା କରିଛନ୍ତି । ସର୍ବୋଦୟ ମଣ୍ଡଳ ରାଜ୍ୟ କମିଟି ସଦସ୍ୟ ମିହିର ପ୍ରତାପ ଦାସ, ରାଷ୍ଟ୍ରୀୟ ଯୁବା ପରିଷଦର ଜାତୀୟ ପରିଷଦ ସଭ୍ୟ ମାନସ ପଟ୍ଟନାୟକ ଏଥିରେ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଉପସ୍ଥିତ ରହି ସର୍ବୋଦୟର ଲକ୍ଷ୍ୟ, ଉଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ସମାଜସେବୀ ଭଜକୃଷ୍ଣ ରାଉତ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଅଜୟ ସାମଲ, ଗୋପାଳକୃଷ୍ଣ ଜେନା ପ୍ରମୁଖ ଜିଲ୍ଲାରେ ଗାନ୍ଧିବାଦୀ କାର୍ଯ୍ୟକ୍ରମ ଓ ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ସଭ୍ୟପଦ ଗ୍ରହଣ ପରେ ରାଜ୍ୟ କମିଟି ସଭ୍ୟ ରାମଚନ୍ଦ୍ର ଶୁକ୍ଳଙ୍କ ପର୍ଯ୍ୟବେକ୍ଷଣରେ ଅନୁଷ୍ଠିତ ଜିଲ୍ଲା କମିଟି ନିମନ୍ତେ ଅନୁଷ୍ଠିତ ନିର୍ବାଚନରେ ସଭାପତି ରୂପେ ଅକ୍ରୁର ପଲାଇ, ଉପସଭାପତି- ପ୍ରଦୀପ କୁମାର ଦାସ, ସମ୍ପାଦକ- ପଦ୍ମନାଭ ଦାସ, ସହ ସମ୍ପାଦକ- ମରୁତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ସତ୍ୟରଞ୍ଜନ ନାୟକ ଏବଂ ରାଜ୍ୟ କମିଟି ପ୍ରତିନିଧି ଭାବେ କୁଳମଣୀ ରାଉତଙ୍କୁ ନିର୍ବାଚିତ କରାଯାଇଥିଲା । ଆଦିକନ୍ଦ ରାଉଳଙ୍କ ଆବାହକତ୍ୱରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଅଜୟ ସାମଲ ଓ ଭଜକୃଷ୍ଣ ରାଉତଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା। ଶେଷରେ ଅମର ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ଉର୍ଦ୍ଧୁ ମୁସାୟାରାର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ (ନି.ପ୍ର.) : ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ସେପ୍ଟେମ୍ବରମାସ ୧୧ତାରିଖ ରବିବାର ସନ୍ଧ୍ୟାରେ ପୌରସଂସ୍ଥା ଟାଉନହଲ ପରିସରରେ ଓଡିଶା ଉର୍ଦ୍ଧୁ ଏକାଡେମୀ ପକ୍ଷରୁ ସର୍ବ ଭାରତୀୟ ଉର୍ଦ୍ଧୁ ମୁସାୟାରା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ଉତ୍ସବରେ ରାଜ୍ୟ ତଥା ଜାତୀୟ ସ୍ତରର ଉର୍ଦ୍ଧୁ କବିମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଉର୍ଦ୍ଧୁ ଭାଷାର ପ୍ରଚାର ପ୍ରସାର ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ଉପଲକ୍ଷେ ସ୍ଥାନୀୟ ଉର୍ଦ୍ଧୁ ପାଠାଗାର ପରିସରରେ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡା ମୁସଲିମ କମିଟିର ମୁଖ୍ୟ ଓହିଦୁଲ ହକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ନଗରପାଳଙ୍କ ପ୍ରତିନିଧର ରଞ୍ଜିତ କୁମାର ସାହୁ, ମହମ୍ମଦ ଅମୀର, ସୟଦ ଅକମଲ ଅଲ୍ଲୀ, ସେକ ଲିୟାକତ ଅଲ୍ଲୀ(ନସ୍ସୁ), ମୀର ସଫିକ, ତାଜୁଦ୍ଦିନ ଖାଁ, ରାହିଲ ଖାଁ, ସେକ ଲିୟାକତ ହୁସେନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାଣି ଭର୍ତ୍ତି ମୋରମ ଖାଦାନରେ ପଡ଼ି ଶିଶୁ ମୃତ

ସୁନ୍ଦରଗଡ଼, (ନି.ପ୍ର.) : ପାଣି ଭର୍ତି ମୋରମ ଖାଦାନରେ ପଡ଼ି ଏକ ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅନ୍ତର୍ଗତ ବାବୁନୂଆଗାଁରେ। ମୃତ ଶିଶୁପୁତ୍ରର ନାମ ଲିକାଶ ପାତ୍ର। ମିଳିଥିବା ସୂଚନା ଅନୁଯାୟୀ, ପାର୍ଥବ ପାତ୍ରଙ୍କ ଏହି ୫ ବର୍ଷର ଶିଶୁ ପୁତ୍ର ଗାଁ ନିକଟସ୍ଥ ପଡ଼ିଆକୁ ଶୌଚ ହେବାକୁ ଯାଇଥିଲା। ଶୌଚ ପରେ ଧୋଇ ହେବାକୁ ପଡ଼ିଆ ପାଖରେ ଥିବା ପାଣି ଭର୍ତି ମୋରମ ଖାଦାନକୁ ଯାଇଥିଲା ଓ ସେଥିରେ ବୁଡ଼ି ଯାଇଥିଲା। ସେ ପାଣିରେ ବୁଡ଼ିଯିବା କିଛି ଲୋକ ଦେଖିଥିଲେ। ସେମାନେ ତୁରନ୍ତ ତାକୁ ପାଣିରୁ ଉଦ୍ଧାର କରିଥିଲେ ଓ ବଣାଇ ଡାକ୍ତରଖାନା ନେଇ ଯାଇଥିଲେ। ତେବେ ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଶିଶୁଟିର ମୃତ୍ୟୁକୁ ନେଇ ସମ୍ପୃକ୍ତ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

ସଂପାଦକୀୟ

# ବଢୁଛି ଇଡିର ଶିଢି

ଦେଶର ଭିନ୍ନ ଭିନ୍ନ ପ୍ରଦେଶରେ ଇଡିର ଅଚାନକ ଚଢାଉ ରାଜନେତା, ଠକ ବ୍ୟବସାୟୀ, ଟଙ୍କା ଜମାଖୋର, ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ ସେମାନଙ୍କ ସଂପର୍କୀୟ ଗଣମାଧ୍ୟମର ପ୍ରତିନିଧି ଓ ସମର୍ଥକମାନଙ୍କୁ ନିରାଶ କରିଥିବା ସମୟରେ ସାଧାରଣ ଜନତାଙ୍କ ମନରେ ବ୍ୟବସ୍ଥା ପ୍ରତି ଅଧିକ ବିଶ୍ୱାସ ବୃଦ୍ଧି କରିଛି । ସାଧାରଣ ଜନତାଙ୍କ ଅର୍ଥକୁ ଭିନ୍ନ ଭିନ୍ନ ମାର୍ଗରେ କିଛି ଲୋକ ନିଜର ସଂପତ୍ତିରେ ପରିଣତ କରିବା ପ୍ରକ୍ରିୟାରେ ଇଡି ଅନେକ ସ୍ଥାନରେ ପ୍ରତିବନ୍ଧକ ହୋଇଛି । ତେଣୁ ଏପ୍ରକାର ଚଢାଉରେ ସେମାନଙ୍କ ଗାତ୍ରଦାହ ହେବା ସ୍ୱାଭାବିକ । ନିଜର ଅପକର୍ମକୁ ଲୁଚାଇବାକୁ ଯାଇ ସେମାନେ ଉତ୍‌କ୍ଷିପ୍ତ ହେବା, ଧାରଣାଦେବା, ସମର୍ଥକଙ୍କୁ ଧରି ବିକ୍ଷୋଭ କରିବାରେ କିଛି ନୂଆ କଥା ନାହିଁ । ଦେଶ ଓ ଜନତାଙ୍କ ସଂପତ୍ତିକୁ ଲୁଟୁଥିବା ଲୋକମାନଙ୍କ ମୁଖାଗୁଡିକୁ ମୁହଁରୁ ଖସାଇବାକୁ ଇଡି ଯେପରି ଦିନକୁ ଦିନ ଅଧିକରୁ ଅଧିକ ଚଢାଉ ଜାରିରଖି ସଂପତ୍ତି ଜବତ କରୁଛି ତାହା ସାଧାରଣରେ ପ୍ରଶଂସାର କାରଣ ହୋଇଛି । ମୁକ୍ତବଜାର ଅର୍ଥନୀତି ସମୟରେ ଆନ୍ତର୍ଜାତିକ ବାଣିଜ୍ୟିକ ସଂପର୍କ ବଢୁଥିବା ଯୋଗୁ ଦେଣନେଣ ଢେର ବଢିଯାଇଛି । ସେମିତି କମ୍ପାନୀ,ପେସାଦାର ଲୋକଙ୍କ ସଂଖ୍ୟା ମଧ୍ୟ ବଢିଛି । ରୋଜଗାର ଦିନକୁ ଦିନ ବଢୁଥିଲା ବେଳେ ସୁବିଧାକୁ ହାତେଇବା ପାଇଁ ପ୍ରୟାସ ମଧ୍ୟ ବଢିବାରେ ଲାଗିଛି । ଏହି ପରିସ୍ଥିତିରେ ବ୍ୟବସାୟୀଙ୍କ ନଗଦ ଟଙ୍କା ଜମାଖୋରୀ, ଅଧିକାରୀମାନଙ୍କ କଳାଟଙ୍କା ଜମାଖୋରୀ, ଦୁର୍ନୀତି ଗ୍ରସ୍ତ ନେତାମାନଙ୍କ ଜାଲିଆତି ଆଶାତୀତ ବୃଦ୍ଧି ପାଇଛି । ଏମାନଙ୍କ ଉପରେ ସବୁବେଳେ ଦୃଷ୍ଟିରଖି କଳାଧନ ଜବତ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସର୍ତ୍ତକତାର ସହ ପ୍ରୟାସ ଜାରିରଖିଛି । ଇଡିର ଚଢାଉ ଅକସ୍ମାତ ସନ୍ଦେହଯୁକ୍ତ ଲୋକର ଘର ଉପରେ ହୋଇଥାଏ । କର୍ମଚାରୀମାନେ ଚଢାଉ କରିବା ପୂର୍ବରୁ ଲୋକଙ୍କୁ ୱାରେଣ୍ଟ ଦେଖାଇ କାର୍ଯ୍ୟରେ ସହଯୋଗ କରିବାକୁ କହିଥାନ୍ତି । ଘର ଭିତରୁ ଫଟୋ କିମ୍ବା ତଥ୍ୟ ଯେପରି ତୁରନ୍ତ ବାହାରକୁ ପଠାନଯାଏ ସେଥିପାଇଁ ପ୍ରଥମେ ମୋବାଇଲଗୁଡିକୁ ଜବତ କରାଯାଇଥାଏ । ଚାଲୁଥିବା କମ୍ପ୍ୟୁଟରକୁ ବନ୍ଦ କରାଯାଏ । ଘରେ ଥିବା ଲୋକମାନଙ୍କୁ ତଦନ୍ତରେ ସହଯୋଗ କରିବାଲାଗି କୁହାଯାଇଥାଏ । ୨୦୦୨ର ଅର୍ଥ ଜାଲିଆତି ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ), ୧୯୯୯ର ବିଦେଶୀ ମୁଦ୍ରା ପରିବର୍ତ୍ତନ ପରିଚାଳନା ଆଇନ (ଫେମା), ୨୦୧୮ର ଆର୍ଥିକ ଅପରାଧ ଆଇନ( ଫେଓଆ) ବଳରେ ଏହିସବୁ ଚଢାଉ ହୋଇଥାଏ । ଦେଖିବାକୁ ଗଲେ ସବୁଠୁ ଅଧିକ ଚଢାଉ ଅର୍ଥ ଜାଲିଆତିକୁ ନେଇ ହୋଇଥାଏ । ଏହା ଏକ ଅପରାଧିକ ଆଇନ । ବେଆଇନ ଭାବେ ଅର୍ଜନ କରାଯାଇଥିବା ଅର୍ଥକୁ ଏହି ଆଇନ ଅନୁଯାୟୀ ଇଡି ଜବତ କରେ । ସ୍ୱତନ୍ତ୍ର ଅଦାଲତରେ ଏହି ଜାତିଆତିକୁ ସାବ୍ୟସ୍ତ କରିବାକୁ ହୋଇଥାଏ । ଦ୍ୱିତୀୟ ଆଇନଟି ଏକ ସିଭିଲ ଆଇନ । ଏହି ଆଇନ ଅନୁଯାୟୀ ଇଡି ଚଢାଉ ଅର୍ଥ ଜବତ କରିବା ସହ ଜୋରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି । କିନ୍ତୁ ଏହି ଆଇନରେ ଗିରଫ କରାଯିବାର ବ୍ୟବସ୍ଥା ନାହିଁ । ତୃତୀୟ ଆଇନରେ ୧୦୦କୋଟିରୁ ଅଧିକ ମାମଲାର ତଦନ୍ତ ହୋଇଥାଏ । ଫେରାର ଅଭିଯୁକ୍ତର ସଂପତ୍ତିକୁ ଜବତ କରାଯିବା ଲାଗି ଏଥିରେ ବ୍ୟବସ୍ଥା ରହିଛି । ଦୁର୍ନୀତି ନିବାରଣ ବିଭାଗ, ପୁଲିସ, ସିବିଆଇ ପକ୍ଷରୁ ପ୍ରାଥମିକ ଅଭିଯୋଗପତ୍ର (ଏଫ୍‌ଆଇଆର୍) ଦାଖଲ ହୋଇଥିଲେ ଅର୍ଥ ଜାଲିଆତି ମାମଲାରେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । ପ୍ରାଥମିକ ସୂଚନା ପାଇବାପରେ ଆର୍ଥିକ ଯାଞ୍ଚ ଶାଖା କାର୍ଯ୍ୟ କରେ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥର ସୀମାରୁ ଅଧିକ ଦେଣନେଣ ହୋଇଥିଲେ ବ୍ୟାଙ୍କଗୁଡିକରୁ ତଥ୍ୟ ପାଇବାଲାଗି ସଂସ୍ଥା ପକ୍ଷରୁ ଚିଠି ପଠାଯାଇଥାଏ । ସନ୍ଦେହଜନକ ଦେଣନେଣ ହୋଇଥିବା ଦୃଷ୍ଟିକୁ ଆସିଲେ ସେସବୁର ତଥ୍ୟ ସଂଗ୍ରହ କରାଯାଏ । ପ୍ରମାଣ ମିଳିବା ସ୍ଥଳେ ଅଭିଯୋଗ କରାଯାଇଥାଏ । ତେବେ ଅଭିଯୁକ୍ତ ତଥ୍ୟ ଲୁଚାଇପାରେ ବୋଲି ଆଶଙ୍କା କରାଯିବା ସ୍ଥଳେ ଚଢାଉ ହୋଇଥାଏ । କାରଣ କେତେକ ସ୍ଥଳରେ ନୋଟିସ ଦେବାପରେ ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା, କାଗଜପତ୍ର ବଦଳ କରିବାର ସମ୍ଭାବନା ରହିଥାଏ । କେତେକ କ୍ଷେତ୍ରରେ ପ୍ରଥମେ ଅଭିଯୁକ୍ତର ନିକଟ ସହଯୋଗୀଙ୍କ ଉପରେ ପ୍ରଥମେ ଚଢାଉ କରାଯାଇ ତଦନ୍ତ ହୋଇଥାଏ । ଏଥିପାଇଁ ରଣକୌଶଳ ପ୍ରସ୍ତୁତି ବିଭାଗୀୟ ଅଧିକାରୀଙ୍କ ଉପରେ ହିଁ ରହିଥାଏ । ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ୨୦୧୪ରେ ଆସିବା ପରଠାରୁ ଇଡିର ସକ୍ରୀୟତା ବହୁତ ବଢିଛି । ଯଦି ବିଗତ ୮ବର୍ଷର ମାମଲାକୁ ତୁଳନା କରାଯାଏ ତେବେ ଜଣାପଡିବ ଯେ ୨୦୧୪-୧୫ବେଳକୁ ଇଡି ପାଖରେ ପିଏମ୍‌ଏଲ୍‌ଏ ମାମଲା ୧୭୮ଟି ରହିଥିଲା ବେଳେ ୨୦୨୧-୨୨ରେ ତାହା ବଢି ୧୧୮୦ରେ ପହଞ୍ଚିଛି । ଠିକ୍ ସେମିତି ୯୧୫ଟି ଫେମା ମାମଲା ୨୦୧୪-୧୫ ସୁଦ୍ଧା ଥିଲା । ୨୦୨୧-୨୨ ବେଳକୁ ତାହା ୫୩୧୩ରେ ପହଞ୍ଚିଛି । ସେମିତି ଗତ ୬ବର୍ଷର ହିସାବକୁ ଦେଖିଲେ ଜଣାପଡିବ ଯେ ୨୦୧୬-୧୭ରେ ଇଡିର ଚଢାଉ ୪୫୬୭, ନୋଟିସ ଜାରି ୨୨୬, ଗିରଫଦାରି ୩୧ ହୋଇଥିଲା । ୨୦୧୭-୧୮ରେ ଚଢାଉ ୫୮୩୭, ନୋଟିସ ଜାରି ୩୬୮ ଏବଂ ଗିରଫଦାରି ୩୮ହୋଇ ଥିଲା । ୨୦୧୮-୧୯ରେ ଚଢାଉ ୯୧୭୫, ନୋଟିସ୍ ଜାରି ୫୧୯, ଗିରଫଦାରି ୨୪ ହୋଇଥିଲା । ୨୦୧୯-୨୦ରେ ଚଢାଉ ୧୦୬୬୮, ନୋଟିସ ଜାରି ୩୩୫, ଗିରଫଦାରି ୪୧ ହୋଇଥିଲା ।୨୦୨୦-୨୧ରେ ଚଢାଉ ୧୨୧୭୩, ନୋଟିସ ଜାରି ୫୯୬, ଗିରଫଦାରି ୭୮ ହୋଇଥିଲା । ୨୦୨୧-୨୨ରେ ଚଢାଉ ୧୧୨୫୨,ନୋଟିସ ଜାରି ୫୭୨, ଗିରଫଦାରି ୫୪ ହୋଇଥିଲା । ବିଗତ ୧୭ବର୍ଷରେ ପିଏମ୍‌ଏଲ୍‌ଏ ମାମଲା ୫୪୨୨ଟି ହୋଇଥିଲା । ୧୭୩୯ଟିରେ ମାଲଜବତ, ୪୦୦ ଗିରଫଦାରି, ୧.୦୪ଲକ୍ଷ କୋଟି ସଂପତ୍ତି ଜବତ ହେବା ସହ ୨୫ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେମିତି ବିଦେଶୀ ମୁଦ୍ରା କାରବାର (ଫେମା) ମାମଲା ୩୦୭୧୬ଟି ହୋଇଥିଲା ବେଳେ ୧୫୪୯୫ଟି ମାମଲାକୁ ବନ୍ଦ କରାଯାଇଥିଲା । ୮୧୦୯ ମାମଲାରେ ନୋଟିସ ହୋଇଥିଲା । ଆର୍ଥିକ ଜାଲିଆତି ମାମଲା (ଫେଓଆ)ରେ ୧୪ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା । ୯ଜଣଙ୍କୁ ଫେରାର ଘୋଷଣା କରାଯାଇଥିଲା ଏବଂ ୪୩୩କୋଟି ସଂପତ୍ତିକୁ ଜବତ କରାଯାଇଥିଲା । ବିଗତ ଦିନରେ ଦେଶରେ ଆର୍ଥିକ ଜାଲିଆତି ଓ ଜମାଖୋରି ବଢିବା ଦେଖିବାକୁ ମିଳିଛି । କେବଳ ଗତ ୪ ବର୍ଷରେ ଇଡି ପକ୍ଷରୁ ୬୭ହଜାର କୋଟିର ସଂପତ୍ତିକୁ ଜବତ କରାଯାଇଛି । ୨୦୧୮-୧୯ରେ ୧୫୪୯୦, ୨୦୧୯-୨୦ରେ ୨୮୮୧୫, ୨୦୨୦-୨୧ରେ ୧୪୧୦୭, ୨୦୨୧-୨୨ରେ ୮୯୮୯କୋଟି ଟଙ୍କାର ସଂପତ୍ତିକୁ ଜବତ କରାଯାଇଛି । ଏହାର ପୂର୍ବ ବର୍ଷଗୁଡିକର ତାଲିକା ଦେଖିଲେ ଜଣାପଡିବ ଯେ ୨୦୧୭-୧୮ରେ ୭୪୩୨କୋଟି, ୨୦୧୬-୧୭ ରେ ୧୧୦୩୨ କୋଟି, ୨୦୧୫-୧୬ରେ ୨୦୦୦କୋଟି, ୨୦୧୪-୧୫ରେ ୩୬୫୭ କୋଟି, ୨୦୧୩-୧୪ରେ ୧୭୭୩ କୋଟି, ୨୦୧୨-୧୩ରେ ୨୩୫୮ କୋଟି ଟଙ୍କା ଇଡି ପକ୍ଷରୁ ଜବତ କରାଯାଇଥିଲା । ଇଡି ପକ୍ଷରୁ ତଦନ୍ତ ବେଳେ ଫୋନ୍ ଟ୍ୟାପିଂ, ଫୋନ ରେକର୍ଡ୍,. ମୋବାଇଲ କମ୍ପ୍ୟୁଟର ତଥ୍ୟ, ବ୍ୟାଙ୍କ ଜମା ଦେଣନେଣର ରେକର୍ଡ, ସେବିର ଫାଇଲିଂ, କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ରେକର୍ଡକୁ ଆଧାର ଭାବେ ଗ୍ରହଣ କରାଯାଇଥାଏ । ଅର୍ଥ ମନ୍ତ୍ରଣାଳୟର ରେଭିନ୍ୟୁ ବିଭାଗର ଅଧିନରେ ଏକ ଯାଞ୍ଚ ସଂସ୍ଥା ଭାବେ ଇଡି କାର୍ଯ୍ୟ କରୁଛି । ୧ ମଇ ୧୯୫୬ରେ ଏହା କାର୍ଯ୍ୟାରମ୍ଭ କରିଥିଲା । ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି ଏବଂ ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତା, ଚେନ୍ନାଇ, ମୁମ୍ବାଇ, ଓ ଚଣ୍ଡିଗଡରେ ରହିଛି । ଆର୍ଥିକ ଅପରାଧ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଏବଂ ଆର୍ଥିକ ଆଇନ ଲାଗୁ କରାଇବା ହେଉଛି ଇଡିର କାର୍ଯ୍ୟ । ସଂପ୍ରତି ନେସନାଲ ହେରାଲ୍‌ଡ୍ ଖବରକାଗଜର ସଂପତ୍ତି ମାମଲାରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି, ସାଂସଦ ରାହୁଳ ଗାନ୍ଧି, ସାଂସଦ ମଲ୍ଲିକାର୍ଜୁନ ଖଡଗେଙ୍କ ବିରୁଦ୍ଧରେ ଇଡି ପକ୍ଷରୁ ଯାଞ୍ଚ ଜାରିରହିଛି । ଅର୍ଥ ଜାଲିଆତି ମାମଲାରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଅନିଲ ଦେଶମୁଖ, ବେନାମି ସଂପତ୍ତି ମାମଲାରେ ପୂର୍ବତନ ସାଂସଦ ମୁଖତାର ଅନସାରୀ, ଆଇଏନ୍‌ଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ରୀୟମନ୍ତ୍ରୀ ପି.ଚିଦାମ୍ବରମ୍, ପାତ୍ର ଚଲ ମାମଲାରେ ଶିବସେନା ସାଂସଦ ସଞ୍ଜୟ ରାଉତ ଏବଂ ନିଯୁକ୍ତି ପାଇଁ ଅର୍ଥ ସଂଗ୍ରହ ମାମଲାରେ ପଶ୍ଚିମବଙ୍ଗ ରାଜ୍ୟର ତୃଣମୂଳ କଂଗ୍ରେସ ନେତା ପାର୍ଥ ଚାଟାର୍ଜୀଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ବିରୁଦ୍ଧରେ ଇଡି ପକ୍ଷରୁ ମାମଲା ଚାଲିଛି । ସୋନିଆ- ରାହୁଳ କିମ୍ବା ସଞ୍ଜୟଙ୍କୁ ଯାଞ୍ଚ ପାଇଁ ଡକାଯିବା ବେଳେ କଂଗ୍ରେସ ଏବଂ ଶିବସେନା ଦଳ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା, ଗଣମାଧ୍ୟମରେ ଇଡି ବିରୋଧୀ ବୟାନବାଜି କରାଯାଇଥିଲା, ଲୋକଙ୍କୁ ମେଳ କରାଇ ନାଲିଆଖି ଦେଖାଇବାକୁ ଚେଷ୍ଟା ହୋଇଥିଲା । କଥାରେ ଅଛି ଚୋର ମୁହଁ ସବୁବେଳେ ଟାଣ । ଏକଥା ଇଡିକୁ ଜଣାଅଛି ଏବଂ ଦେଖୁଥିବା ସାଧାରଣ ଜନତାଙ୍କୁ ମଧ୍ୟ ।

# ସାତ୍ତ୍ୱିକ ଖାଦ୍ୟ ଓ ନିରାମୟ ଜୀବନ

ସଂପ୍ରତି ଭୟାବହ କରୋନାକୁ ନେଇ ସାଧାରଣରେ ଉଦ୍‌ବେଗ ସୃଷ୍ଟି ହେଉଥିବାବେଳେ ଶାକାହାର ଖାଦ୍ୟ, ସାତ୍ତ୍ୱିକ ଜୀବନ ବର୍ତ୍ତମାନ ସମୟ ପାଇଁ ଏକ ବଡ଼ ଅନୁଶୀଳନ ହୋଇଛି । ଏକ ନୀରୋଗ ଶରୀର ମାଧ୍ୟମରେ ସୁଖଶାନ୍ତିଭରା ଜୀବନଯାପନ କରିବା ପାଇଁ ଖାଦ୍ୟର ଉପାଦେୟତା ରହିଛି । ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧି ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହୋଇ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ । ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ନ ହୋଇ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି । ସରଳ ଜୀବନ ଯାତ୍ରାର ପ୍ରଣାଳୀ ଅବଲମ୍ବନ ସହଜ ସାବଲୀଳ ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିଜର ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ । ଖାଦ୍ୟପଦାର୍ଥର ସ୍ୱାଦୁ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ପାଇଁ ଜିହ୍ୱା ମନକୁ ପ୍ରଭାବିତ କରିଥାଏ । ଫଳରେ ଅନିୟନ୍ତ୍ରିତ ମନର ପ୍ରଭାବରେ ଅଧିକ ପରିମାଣରେ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ଯୋଗୁ ଶରୀର ରୋଗାକ୍ରାନ୍ତ ହୋଇଥାଏ । ଅଧିକ ଚର୍ବି ଜାତୀୟ ଖାଦ୍ୟ, ଆମିଷ, ତେଲ, ଘିଅ, ଶ୍ୱେତସାର ଓ ମାଦକ ଦ୍ରବ୍ୟ ଖାଇବା ଦ୍ୱାରା ଶରୀରର ସ୍ଥୁଳତା ବୃଦ୍ଧି ପାଏ । ଅଧିକ ମସଲା, ରାଗ, ଚା, କଫି ଓ ମଦ୍ୟପାନ ପାକସ୍ଥଳୀ ଓ ଅନ୍ତଃନଳୀରେ ପ୍ରଦାହ ସୃଷ୍ଟି କରେ । ନିୟମିତ ଭାବେ ଖାଦ୍ୟ ଗ୍ରହଣର ବ୍ୟବଧାନ ଉପରେ ଦୃଷ୍ଟିରଖି ଖାଦ୍ୟ ଗ୍ରହଣ କଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହ ଶରୀର କାର୍ଯ୍ୟକ୍ଷମ ରହେ । ଖାଦ୍ୟର ପରିମାଣ ଓ ଗୁଣାତ୍ମକମାନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାଏ । ବିଭିନ୍ନ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ମଧ୍ୟରେ ଉତ୍ପନ୍ନ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ଦେହ ଓ ମନକୁ ବିଭିନ୍ନ ଭାବରେ ପରିଚାଳିତ କରେ । ଯେପରି ଖାଦ୍ୟ ସେପରି ମନ । ଯେପରି ମନ ସେପରି ଚିନ୍ତା, ସେପରି ବ୍ୟବହାର ଓ କାର୍ଯ୍ୟ ଏବଂ ଯେପରି କାର୍ଯ୍ୟ ସେପରି ସ୍ୱାସ୍ଥ୍ୟ, ଖାଦ୍ୟ ମନୁଷ୍ୟକୁ ଚଳଚଞ୍ଚଳ କାର୍ଯ୍ୟକ୍ଷମ, ମାନ୍ଦା, ଚିନ୍ତାଗ୍ରସ୍ତ, ବିଷାଦଚିତ୍ତ ବା ପ୍ରଫୁଲ୍ଲ ରଖେ । ଖାଦ୍ୟର ପ୍ରକାରଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ । ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯଜମର ହ୍ରାସ ବୃଦ୍ଧିକୁ ମଧ୍ୟ ନିୟନ୍ତ୍ରିତ କରେ । ଜଣେ ମନିଷୀ ଖାଦ୍ୟ ଗ୍ରହଣକୁ ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ ସହିତ ତୁଳନା କରି କହିଛନ୍ତି ଜ୍ୱରରେ ଆକ୍ରାନ୍ତ କୁକୁର ଖାଦ୍ୟ ଖାଏ ନାହିଁ । ମାଲିକ ତା ପାଖରେ ଯେତେ ଚକ୍ଷୁ ରୋଚକ ସୁସ୍ୱାଦୁ ଖାଦ୍ୟ ରଖିଲେ ମଧ୍ୟ ସେ ଖାଦ୍ୟ ନଖାଇ ଶୋଇ ରହେ । ମନୁଷ୍ୟ ଜ୍ୱରରେ ଆକ୍ରାନ୍ତ ହେଲେ ଔଷଧ ବ୍ୟବହାର କରି ସାମୟିକ ଭାବେ ସୁସ୍ଥ ହୋଇ ମନଇଚ୍ଛା ଖାଦ୍ୟ ଗ୍ରହଣ ଦ୍ୱାରା ଅଧିକ ଅସୁସ୍ଥ ହୋଇଯାଏ । ପକ୍ଷୀମାନେ ମଧ୍ୟ ରୋଗଗ୍ରସ୍ତ ହେଲେ ଖାଦ୍ୟ ବର୍ଜନ କରନ୍ତି । ପଶୁପକ୍ଷୀମାନେ ରୋଗଗ୍ରସ୍ତ ହେଲେ କେବଳ ନିଜ ନିଜର



ଖାଦ୍ୟକୁ ନିୟନ୍ତ୍ରଣ କରିବା ଦ୍ୱାରା ଆରୋଗ୍ୟ ହୋଇଥାଆନ୍ତି । ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ । ଖାଦ୍ୟ ସମ୍ବନ୍ଧରେ ଗାଆଁ ମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କ ବାଣୀ ହେଲା ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଯମର ଭେଟ । ହିନ୍ଦୁ ଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଏହି ତିନିଭାଗରେ ବିଭକ୍ତ କରାଯାଇଛି । ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି ସାତ୍ତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନକରି ମନକୁ ନିଶ୍ଚଳ ରଖେ । ରାଜସିକ ଖାଦ୍ୟ ମନରେ ଭାବ ପ୍ରବଣତା ସୃଷ୍ଟି କରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟି କରେ । ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ । ମଦ ଓ ମାଂସର ମନୁଷ୍ୟ ଶରୀର ଉପରେ ପଡୁଥିବା କୁପ୍ରଭାବ ଆମେମାନେ ଜାଣୁ । ମାଂସ ଭକ୍ଷଣ ଦ୍ୱାରା ମନରେ ହିଂସ୍ର ପ୍ରବୃତ୍ତି ଜାତ ହୁଏ । ମାଂସ ଖାଇବା ପାଇଁ ପଶୁଟିକୁ ହତ୍ୟା କଲାବେଳେ ତା' ମନରେ ଯେଉଁ ପ୍ରତିକ୍ରିୟା ଓ ଭାବାନ୍ତର ସୃଷ୍ଟି ହୁଏ ତାହା ମାଂସଭକ୍ଷଣକାରୀ ମନ ଉପରେ ମଧ୍ୟ ପ୍ରଭାବ ପକାଇପାରେ ।ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ରହିଛି । ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ । ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ । ତାହାଶୁଣି ଦ୍ରୌପଦୀ ତାଚ୍ଛଲ୍ୟକରି ହସିବାକୁ ଲାଗିଲେ । କାଳେ ପିତାମହ ଖରାପ ଭାବିବେ ସେଥିପାଇଁ ପାଣ୍ଡବମାନେ ଦ୍ରୌପଦୀଙ୍କୁ ବାରଣ କଲେ । ଭୀଷ୍ମ ହସିବାର କାରଣ ବିଷୟ ପଚାରିବାରୁ ଦ୍ରୌପଦୀ କହିଲେ, 'ଆପଣ ଏତେଦିନ ଧରି କୌରବମାନଙ୍କର ଉପଦେଷ୍ଟା ହୋଇ ରହି ତାଙ୍କୁ ଯଦି ଏ ବିଷୟରେ ଶିକ୍ଷା ଦେଇଥାଆନ୍ତେ ଓ ନିଜେ ଯୁଦ୍ଧ କରିବାରୁ ନିବୃତ୍ତ ରହିଥାଆନ୍ତେ ତା'ହେଲେ ଆଜି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏହି ଧାରଣା ମୋ ମନରେ ଆସିବାରୁ ଆପଣଙ୍କ କଥା ଶୁଣି ମୋତେ ହସ ଲାଗିଲା ।' ଭୀଷ୍ମ ଉତ୍ତର ଦେଲେ କୌରବମାନଙ୍କ ଅନ୍ନରେ ମୋର ଏ ଶରୀର ପ୍ରତିପାଳିତ ହୋଇ ଆସୁଥିବାରୁ ମୋ' ଶରୀରର ରକ୍ତ ସେମାନଙ୍କ ଖାଦ୍ୟ ଦ୍ୱାରା ଗଠିତ ହୋଇଥିଲା । ତେଣୁ ସେମାନେ ମୋତେ ଯାହା ଚାହୁଁଥିଲେ ମୋ'ମନ ତାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ଓ ମୁଁ ତାହା କରୁଥିଲି । ଶରଶଯ୍ୟାରେ ରହିବା ଫଳରେ ମୋ'ଦେହରୁ ସେ ଦୂଷିତ ରକ୍ତ ବାହାରିଯାଇ ମୋ'ମନକୁ ପବିତ୍ର କରି ଦେଇଛି । ତେଣୁ ମୁଁ ଆଜି ଏ ଉପଦେଶ ଦେବାକୁ ସମର୍ଥ ହୋଇଛି । ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତ କରେ । ସୀମିତ ପରିମାଣର ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ । ଯଥେଷ୍ଟ ପରିମାଣରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟଭଲ ରହେ । ଖାଦ୍ୟ ଖାଉଥିବାବେଳେ ମଝିରେ ମଝିରେ ପାଣି ପିଇବା ଉଚିତ ନୁହେଁ । ଅନିୟମିତ ଖାଦ୍ୟ ଗ୍ରହଣ ଦ୍ୱାରା ମେଦବହୁଳତା, ଉଚ୍ଚରକ୍ତଚାପ ମଧୁମେହ ରୋଗ, ପରିପାକ ସମସ୍ୟା ଦେଖାଦିଏ । ସେଥିପାଇଁ ନିୟମିତ ବ୍ୟବଧାନରେ ଆବଶ୍ୟକତା ଅନୁଯାୟୀ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଉଚିତ । ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି । ତାହାହେଲା ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଆହାର ଗ୍ରହଣ କରନ୍ତି ଭୋଗୀ ଓ ତିନିଥର ଆହାର ଗ୍ରହଣ କରନ୍ତି ରୋଗୀ । ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣ କରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ ।

**ଆଦିତ୍ୟ କୁମାର ମହାନ୍ତି**

# ପୁରାଣ ବିଦିତ ଅବତାର ବାଦ ଓ ପ୍ରଭୁ ଶ୍ରୀରାମ

ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ । ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀ ମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ । ସୁଦୂର ଅତୀତରେ ଯେଉଁ ସମୟକୁ ଆଦର୍ଶ ଯୁଗ ବୋଲି ବିବେଚନା କରାଯାଏ, ସେ ସମୟର ସମାଜ ଓ ଶାସନର ବ୍ୟବସ୍ଥାପକ ଥିଲେ ସେହି ସର୍ବତ୍ୟାଗୀ ଋଷିଗଣ । ସେଥିପାଇଁ ହୁଏତ ସର୍ବ ପ୍ରାଚୀନ ସନାତନ ଧର୍ମ ମୁଖ୍ୟତ ଚାରୋଟି ସ୍ତମ୍ଭ ଉପରେ ପ୍ରତିଷ୍ଠିତ । ତାହା ହେଉଛି ଈଶ୍ୱରବାଦ, ଗୁରୁବାଦ, ଶାସ୍ତ୍ରବାଦ ଓ ଜନ୍ମାନ୍ତରବାଦ । ଭାରତୀୟ ଜନଜୀବନର ଧର୍ମୀୟ ପରମ୍ପରାକୁ ଗଭୀର ଭାବେ ମନନ କଲେ ଜଣାଯାଏ, ତତ୍‌କାଳୀନ ଋଷିପ୍ରୋକ୍ତ ରାମାୟଣ ଓ ମହାଭାରତ ଭଳି ଦୁଇ ମହାକାବ୍ୟ, ଶତାବ୍ଦୀ ଶତାବ୍ଦୀ ଧରି ବିଶାଳ ଭୂଖଣ୍ଡର ଜନଜୀବନକୁ ଅଖଣ୍ଡ ଚେତନା ଗତ ସୂତ୍ରରେ ବାନ୍ଧି ରଖିଛି ।ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି । ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି । ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମୀକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି । ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦ୍‌ଗଧ ପାଠକ ଓ ଉଦ୍‌ଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି । କାରଣ ଉର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସ୍ୱାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି । ଏହି ପରିଦୃଶ୍ୟମାନ ସ୍ଥୁଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିଧ ପରିପ୍ରକାଶ । ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ । ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇ ପାରିବ ।ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି । (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ । ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି । ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ । ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ତ୍ୱର ଚେତନା ହିଁ ଅବତାରକୁ ବୁଝାଏ । ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତ ଦାୟୀ । ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି । ଅବତାରତ୍ତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଲାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ । ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ ।ମନୁଷ୍ୟ ସୃଷ୍ଟିର ଅଲଘଂନୀୟ ନିୟମୁକ ଲଙ୍ଘନ କରି ପ୍ରବର୍ତ୍ତିତ ଧର୍ମଧାରାକୁ କଦର୍ଥ କଲେ, ସେ ସବୁର ବିହିତ ପ୍ରତିକାର ଅବତାରଙ୍କର କାର୍ଯ୍ୟସୂଚୀର ଅନ୍ତର୍ଭୁକ୍ତ । ତେଣୁ ପୁରାଣ ବିଦିତ ଅବତାର ବାଦ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶ ବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ । ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି । ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଲାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିସ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି । ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ । ଜୟ ଶ୍ରୀରାମ ।

ଉତ୍କଳାନନ୍ଦ ଅଜୟ କୁମାର ବେହେରା



# ମୁକ୍ତିଲାଭ କରିବାକୁ ଯାଉଛି ଶାହିଦ-ମୃଣାଳଙ୍କ ଅଭିନୀତ ଚଳଚ୍ଚିତ୍ର "ଜର୍ସି"

ଗୌତମ ଟିନ୍ନାନୁରୀଙ୍କ ଲିଖିତ ଓ ନିର୍ଦ୍ଦେଶିତ ଚଳଚ୍ଚିତ୍ର "ଜର୍ସି' ମୁକ୍ତିଲାଭ କରିବାକୁ ଯାଉଛି । ଆଲ୍ଲୁ ଏଣ୍ଟରଟେନ୍ମେଣ୍ଟ, ଦିଲ ରାଜୁ ପ୍ରଡକ୍ସନ, ସିତାରା ଏଣ୍ଟରଟେନ୍ମେଣ୍ଟଓ ଭାରତ ଫିଲ୍ମସ ବ୍ୟାନରରେ ନିର୍ମିତ ଏଇ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଆଲ୍ଲୁ ଅରବିନ୍ଦ, ସୂର୍ଯ୍ୟଦେବାରା ନାଗା ଭାଷ୍କୀ, ଅମନ ଗିଲ, ଦିଲ ରାଜୁ ପ୍ରମୁଖ । ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ଶାହିଦ କପୁର, ମୃଣାଳ ଠାକୁର ଓ ପଙ୍କଜ କପୁର । ଜଣେ ୩୯ ବର୍ଷୀୟ କ୍ରିକେଟର ୧୦ ବର୍ଷ ପୂର୍ବରୁ ଖେଳ ଛାଡ଼ି ଏବେ ସେ ପୁଣି ଭାରତୀୟ ଦଳରେ ସାମିଲ ହେଇ କ୍ରିକେଟ ଖେଳିବାକୁ ପ୍ରୟାସ କରିଛନ୍ତି । ଏହି କ୍ରିକେଟରଙ୍କ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି ଅଭିନେତା ଶାହିଦ କପୁର । ତାଙ୍କ କୋଚ ଭୂମିକାରେ ଅଛନ୍ତି ପଙ୍କଜ କପୁର । ଆଗାମୀ ଡିସେମ୍ବର ୩୧ ତାରିଖରେ ମୁକ୍ତିଲାଭ କରିବାକୁ ନିର୍ଦ୍ଧାରିତ ହେଇଥିବା ଏଇ ସିନେମାଟି କ୍ରୀଡ଼ା ଡ୍ରାମା ଉପରେ ପର୍ଯ୍ୟବସିତ । ଏକ ତେଲୁଗୁ ଚଳଚ୍ଚିତ୍ରର ଏହା ହେଉଛି ରିମେକ । ତେଲୁଗୁ ଚଳଚ୍ଚିତ୍ର "ଜର୍ସି'ରେ ଏହି କ୍ରିକେଟର ଭୂମିକାରେ ନବୀନ ବାବୁ ଓରଫ ନନି ଅଭିନୟ କରିଥିଲେ ଏବଂ ତାଙ୍କ ବିପକ୍ଷର ନାୟିକା ସାଜିଥିଲେ ଶ୍ରଦ୍ଧା ଶ୍ରୀନାଥ । ୨୦୧୯ ଅକ୍ଟୋବରରୁ ଏହାର ହିନ୍ଦୀ ରିମେକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଇଥିଲା । ୨୦୨୦ ଅଗଷ୍ଟ ୨୮ରେ ଏହା ମୁକ୍ତିଲାଭ କରିବ ବୋଲି ସ୍ଥିରୀକୃତ ହେଇଥିଲା । ହେଲେ କୋଭିଡ ସଂକ୍ରମଣ ଏବଂ ଏଥିଜନିତ ଜାରିହେଇଥିବା କଟକଣା ଯୋଗୁଁ ଏହାର ସୁଟିଂ ଶେଷ ହେଇପାରି ନ ଥିଲା । ପ୍ରଥମେ ଏଇ ଚଳଚ୍ଚିତ୍ରରେ ନାୟିକା ଭାବେ ଶ୍ରଦ୍ଧା କପୁରଙ୍କୁ ମନୋନୀତ କରାଯାଇଥିଲା । ସେ ସମୟ ଦେଇ ନ ପାରିବାରୁ ତାଙ୍କ ସ୍ଥାନରେ କନ୍ନଡ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ମଧ୍ୟ ଚୟନ କରାଯାଇଥିଲା । ହେଲେ ଶେଷରେ ଶ୍ରଦ୍ଧା ଓ ରଶ୍ମିକାଙ୍କୁ ସ୍ଥାନାନ୍ତର କରି ଉକ୍ତ ଭୂମିକାରେ ମୃଣାଳ ଅବତୀର୍ଣ୍ଣ ହେଇଛନ୍ତି ।



# ମଜୁରିଆଙ୍କ ଝିଅ ହେବେ ଗାଁର ପ୍ରଥମ ଡାକ୍ତର

ରାଜସ୍ଥାନର ଝଲାଓ୍ୱର ବାସିନ୍ଦା ୨୨ ବର୍ଷୀୟା ନାଜିଆ ପଚପାହାଡ଼ର ପ୍ରଥମ ଡାକ୍ତର ହେବାକୁ ଯାଉଛନ୍ତି । ସେ ନିଟ ପରୀକ୍ଷାରେ ୬୬୮ ର୍ୟାଙ୍କ ହାସଲ କରିଛନ୍ତି । ସରକାରୀ ମେଡିକାଲ କଲେଜରେ ତାଙ୍କର ଦାଖଲ ନିଶ୍ଚିତ ବୋଲି କୁହାଯାଉଛି । ନାଜିଆ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମା'ବାପା କେବେ ସ୍କୁଲ ଯାଇନାହାନ୍ତି । ବାପା ଇସାମୁଦ୍ଦିନ ଗାଡ଼ି ଚଳାନ୍ତି । ମା' ଅମିନା କ୍ଷେତରେ କାମ କରନ୍ତି । ଏହା ସତ୍ୱେ ଉଭୟ ଝିଅର ଅଧ୍ୟୟନରେ ସମସ୍ତ ପ୍ରକାର ସହଯୋଗ କରିଛନ୍ତି । ନାଜିଆ ମଧ୍ୟ ମା'ବାପାଙ୍କ ସମ୍ମାନ ବଢ଼ାଇଛନ୍ତି । କଠିନ ପରିଶ୍ରମ ବଳରେ ସେ ସଫଳତା ହାସଲ କରିଛନ୍ତି । ୧୨ଶ ଶ୍ରେଣୀରେ ନାଜିଆ ୯୦ ପ୍ରତିଶତ ଅଙ୍କ ହାସଲ କରିଥିଲେ । ଏହା ପରେ କୋଟା ସ୍ଥିତ ଆଲେନ ଇନ୍‌ଷ୍ଟିଚ୍ୟୁଟ୍‌ରେ ସେ ନାମ ଲେଖାଇଲେ । କୋଚିଂ, ସରକାର ୯ମ ଶ୍ରେଣୀରେ ଦେଇଥିବା ସାଇକେଲ ଓ ସ୍କଲାରସିପ୍ ସେ ନିଜ ସଫଳତାର ଶ୍ରେୟ ଦେଇଛନ୍ତି । ନିଟ୍‌ରେ ପ୍ରଥମ ୩ ପ୍ରୟାସରେ ସେ ସଫଳ ହୋଇନଥିଲେ । ତାଙ୍କର ନିଷ୍ଠା ଦେଖି କୋଚିଂ ସଂସ୍ଥା ୪ର୍ଥ ଥର ତାଙ୍କର ୭୫ ପ୍ରତିଶତ ଶୁଳ୍କ ଛାଡ଼ କରିଦେଲେ । ୧୦ମ ଓ ଦ୍ୱାଦଶରେ ସ୍କଲାରସିପ ମିଳିବା ପରେ ତାଙ୍କ ଆତ୍ମବିଶ୍ୱାସ ବଢ଼ିଲା । ଏଥିରୁ ତାଙ୍କ କୋଚିଂ ଖର୍ଚ୍ଚ ମିଳିଗଲା । ନିଟ୍‌ରେ ଜାତୀୟ ସ୍ତରରେ ସେ ୧୭୫୯ ଏବଂ ଓବିସି ବର୍ଗରେ ୪୭୭ ସ୍ଥାନରେ ଅଛନ୍ତି । ଏମ୍‌ବିବିଏସ ଶେଷ କରିବା ପରେ ସ୍ତ୍ରୀ ରୋଗ ବିଶେଷଜ୍ଞ ହେବାକୁ ନାଜିଆ ଚାହାନ୍ତି ।



# ନୀଳ ସୂର୍ଯ୍ୟାସ୍ତ ଲାଲ ଗ୍ରହରୁ ଫଟୋ ପ୍ରେରଣ କଲା ନାସାର କ୍ୟୁରୋସିଟି ମାର୍ସ ରୋଭର

ନାସାର ମାର୍ସ ରୋଭର କ୍ୟୁରୋସିଟି ଲାଲ ଗ୍ରହ ବା ମଙ୍ଗଳରେ ଅବତରଣ କରିବା ସହ ସେଠାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଛି । ଏହା ସହ ମଙ୍ଗଳ ଗ୍ରହରୁ ପ୍ରତିଦିନ ଅନେକ ଫଟୋ ପ୍ରେରଣ କରୁଛି । ମଙ୍ଗଳ ଗ୍ରହ ବିଷୟରେ ଜାଣିବା ପାଇଁ ଗବେଷକ ଏବଂ ବୈଜ୍ଞାନିକମାନଙ୍କୁ ଏହା ବେଶ ସହାୟକ ହେଉଛି । ମଙ୍ଗଳ ହେଉଛି ପୃଥିବୀର ସବୁଠାରୁ ନିକଟତମ ଗ୍ରହ । ଏହାକୁ ଲାଲ ଗ୍ରହ କୁହାଯାଏ । ସୂର୍ଯ୍ୟାସ୍ତ ପରେ ଆକାଶରେ ଲାଲ ରଙ୍ଗର ତାରା ଆକାରରେ ଏହା ଶୋଭା ପାଇଥାଏ । ମଙ୍ଗଳ ଗ୍ରହରେ ଜୀବନର ସତା ଥିବା ଅନେକ ବୈଜ୍ଞାନିକ ପ୍ରକାଶ କରିଛନ୍ତି । ତେବେ ମଙ୍ଗଳ ଗ୍ରହରେ ସୂର୍ଯ୍ୟାସ୍ତ ବେଳେ ଆକାଶ ନୀଳ ରଙ୍ଗ ଦେଖାଯାଇଥାଏ । ପୃଥିବୀରେ ଏହା ଲାଲ ବା ନରଙ୍ଗୀ ବର୍ଣ୍ଣର ସୂର୍ଯ୍ୟାସ୍ତ ହୋଇଥିବା ବେଳେ ମଙ୍ଗଳରେ ଏହା ଲାଲ ରଙ୍ଗର ହୋଇଥାଏ । ନାସା ପକ୍ଷରୁ ଏହି ସୂର୍ଯ୍ୟାସ୍ତର ଫଟୋକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି । ମଙ୍ଗଳର ବାୟୁ ମଣ୍ଡଳରେ ଥିବା ଧୂଳିକଣା ଏବଂ ଅନ୍ୟାନ୍ୟ ଉପାଦାନ ଯୋଗୁଁ ଏପରି ହେଉଥିବା କୁହାଯାଇଛି ନୀଳ ରଙ୍ଗର ଆଲୋକର ପ୍ରତିଫଳନ ଯୋଗୁଁ ମଙ୍ଗଳ ଗ୍ରହରେ ନୀଳ ରଙ୍ଗର ସୂର୍ଯ୍ୟାସ୍ତ ହେଉଛି ।

# ପୃଥିବୀକୁ ମାଡ଼ି ଆସୁଛି ବିଶାଳ ଆଷ୍ଟ୍ରଏଡ



ଆମେରିକା ସ୍ପେସ ଏଜେନ୍ସି ନାସା ଚେତାବନୀ ଦେଇଛି କି ବିଗ ବେନଠାରୁ ୩ଗୁଣା ବଡ଼ ଆଷ୍ଟ୍ରଏଡ ପୃଥିବୀ ନିକଟ ଦେଇ ଗତି କରିବ । ଅପୋଲୋ-କ୍ଲାସ ଆଷ୍ଟ୍ରଏଡ ଭଳି ୩୩୬୧ ଆଫିୟସ ବୋଲି କୁହାଯାଏ , ୯୮୪ ଫୁଟ ଚଉଡ଼ା ଓ ପାଖାପାଖି ୧୮,୦୦୦ ମାଇଲ ପ୍ରତି ଘଂଟାର ଗତିରେ ଯାତ୍ରା କରୁଛି । ନାସା ଏହି ବିଶାଳକାୟ ସେଲେଷ୍ଟିଆଲ ଶିଳା ଉପରେ କଡ଼ା ତୀକ୍ଷ୍ଣ ନଜର ରଖିଛି । ଏହି କାରଣରୁ ଏହା ସ୍ପେସ ଏଜେନ୍ସିର କ୍ଲୋଜ ଅପ୍ରୋଚ ଲିଷ୍ଟ୍‌ରେ ସାମିଲ ହୋଇଛି । ହେଲେ ଚିନ୍ତା କି ଭୟ କରିବାର ଆବଶ୍ୟକ ନାହିଁ ବୋଲି ନାସା କହିଛି । କାରଣ ଏହି ବିଶାଳ ଆଷ୍ଟ୍ରଏଡ୍‌ଟି ଆମର ପୃଥିବୀଠାରୁ ପାଖାପାଖି ୩.୫ ମିଲିୟନ ମାଇଲ ଦୂରତାରେ ଥାଇ ଅତିକ୍ରମ କରିବ । ପୃଥିବୀ ଠାରୁ ୧୨୦ ମିଲିୟନ ମାଇଲ ଭିତରେ ଗତି କରୁଥିବା ଯେକୌଣସି ଜିନିଷକୁ ନିୟର ଆର୍ଥ ଅବଜେକ୍ଟ କୁହାଯାଏ । ଏହି ଶବ୍ଦର ବ୍ୟବହାର ଧୂମକେତୁ ଓ ଆଷ୍ଟ୍ରଏଡ ପାଇଁ କରାଯାଏ, ଯାହା କି ପାଖ ଗ୍ରହର ଗୁରୁତ୍ୱାକର୍ଷଣ ବଳର କାରଣରୁ ପୃଥିବୀ ନିକଟରେ ଅତିକ୍ରମ କରେ । ଯେକୌଣସି ଜିନିଷ ଯାହା ୪.୬୫ ମିଲିୟନ ମାଇଲରୁ ଅଧିକ ପାଖକୁ ଆସିଲେ, ତାହା ସମ୍ଭାବିତ ରୂପେ ବିପଜ୍ଜନକ କ୍ଷୁଦ୍ରଗ୍ରହ (ପିଏଚଏ) ସାବ୍ୟସ୍ତ ହୁଏ । ଏହାର ଆକାର ଏକ ଫୁଟବଲ ପଡ଼ିଆ ସଦୃଶ ହେବ । ଏହା ଲଣ୍ଡନର ଏଲିଜାବେଥ ଟାୱାର ଠାରୁ ୩ଗୁଣା ବଡ । ଯାହାକୁ ବିଗ୍‌ବେନ ମଧ୍ୟ କୁହାଯାଏ ।



# ମାଟି ତଳୁ ପ୍ରତି ସେକେଣ୍ଡରେ ବାହାରୁଛି ୩୦୦ ଲିଟରରୁ ଅଧିକ ପାଣି

ଆମ ପୃଥିବୀ ପୃଷ୍ଠରେ ଅନେକ ରହସ୍ୟ ଭରି ରହିଛି । ବୈଜ୍ଞାନିକମାନେ ତାହା ଜାଣିବାକୁ ଚେଷ୍ଟା କରୁଛନ୍ତି । ତଥାପି ଏଭଳି ଅନେକ ରହସ୍ୟ ବିଷୟରେ ଜାଣିବାକୁ ଚେଷ୍ଟା ଚାଲିଛି, ଯାହା ଉପରୁ ପରଦା ଉଠିପାରିନି । ଏଭଳି କିଛି ଅଜଣା କଥା ବିଷୟରେ, ଯାହାକି ହଜାର ହଜାର ବର୍ଷ ଧରି ରହିଛି । ଫ୍ରାନ୍ସର ବରଗଡି ପ୍ରଦେଶରେ ଏକ ରହସ୍ୟମୟୀ ସ୍ଥାନ ଆଜିବି ରହିଛି । ଦେଶର ଟୋନେରେ ନାମକ ସହରରେ ମାଟି ତଳୁ ପ୍ରତି ସେକେଣ୍ଡରେ ୩୦୦ ଲିଟରରୁ ଅଧିକ ପାଣି ବାହାରିଥାଏ । ହଜାର ହଜାର ବର୍ଷ ତଳୁ ଲଗାତାର ବାହାରୁଥିବା ଏହି ପାଣି ଆଜି ମଧ୍ୟ ରହସ୍ୟ ରହିଛି । କାରଣ ବୈଜ୍ଞାନିକମାନେ ଆଜି ବି ଏହାର ସ୍ରୋତ ବିଷୟରେ ଜାଣିପାରି ନାହାନ୍ତି । ବାହାରୁଥିବା ଏହି ପାଣିର ସ୍ରୋତ ଜାଣିବାକୁ ବହୁତ ଚେଷ୍ଟା ଚାଲିଛି, କିନ୍ତୁ କାହାକୁ ସଫଳତା ମିଳିନି । ଏବେ ସବୁଠାରୁ ବଡ ପ୍ରଶ୍ନ ଯେ, ମାଟି ତଳୁ ଲଗାତାର ବାହାରୁଥିବା ପାଣିର ସ୍ରୋତ କ'ଣ ? ଫ୍ରାନ୍ସର ଟୋନେର ସହରରୁ ବାହାରୁଥିବା ଏହି ପାଣିକୁ ଫୋସ ଡିଓନି ସ୍ପ୍ରିଙ୍ଗ ନାମରେ ଲୋକ ଜାଣନ୍ତି । ସେଠାରେ ମାଟି ତଳୁ ପ୍ରତି ସେକେଣ୍ଡରେ ୩୦୦୦ ଲିଟରରୁ ଅଧିକ ପାଣି ବାହାରିଥାଏ । ବର୍ଷା ଦିନ ଶେଷରେ ବହୁତ ଅଧିକ ପାଣି ପ୍ରତି ସେକେଣ୍ଡରେ ବାହାରିଥାଏ । ବର୍ଷାଦିନରେ ଶେଷରେ ଅଚାନକ ଏବେ ଅଧିକ ପାଣି କେଉଁଠୁ ଆସିଥାଏ ? ତାହାର ରହସ୍ୟ ମଧ୍ୟ ବୈଜ୍ଞାନିକମାନେ ଜାଣି ପାରି ନାହାନ୍ତି । ଫ୍ରାନ୍ସର ଲୋକମାନେ ଏହି ରହସ୍ୟମୟ ଝରଣାକୁ ଭଗବାନଙ୍କ ଚମତ୍କାର ବୋଲି ବିବେଚନା କରନ୍ତି । କୁହାଯାଏ ଯେ ରୋମାନମାନେ ମଧ୍ୟ ଏହି ଝରଣାର ପାଣି ପିଉଥିଲେ । ସେମାନେ ମଧ୍ୟ ୧୭ଶ ଶତାବ୍ଦୀରେ ଏହି ଝରଣାରେ ସ୍ନାନ କରୁଥିଲେ । ଏହା ପରେ, ଅଷ୍ଟାଦଶ ଶତାବ୍ଦୀରେ ବୈଜ୍ଞାନିକମାନେ ଏହି ଜଳପ୍ରପାତର ଉତ୍ସ ବିଷୟରେ ଯେତେବେଳେ ଜାଣିବାକୁ ଚେଷ୍ଟା କଲେ, ପରେ ଦେଖାଗଲା ଯେ ଏହି ଜଳପ୍ରପାତର ପାଦ ଦେଶ ନାହିଁ । ଫୋସ ଡିଓନି ସ୍ପ୍ରିଙ୍ଗ ଝରଣାର ସ୍ରୋତ ଖୋଜିବାକୁ ଅନେକ ଚେଷ୍ଟା କରିଛନ୍ତି । କୁହାଯାଉଛି ଯେ, ଏହି ଝରଣା ଭିତରକୁ ଯିଏ ଯାଇଛି ସେ କେବେ ଫେରିନି । ଏହାର ସ୍ରୋତକୁ ଖୋଜିବାକୁ ଯାଇଥିବା ଲୋକଙ୍କର ଏହା ଭିତରେ ମୃତ୍ୟୁ ହୋଇଯାଇଛି ।

# ବଲଣ୍ଡା ବିସ୍ଥାପିତଙ୍କ ଦୁଃଖ କେବେ ଦୂର ହେବ ?

ତାଳଚେର ୦୮/୯( ନି.ପ୍ର): ୬୨ ବର୍ଷ ତଳେ ୪୧୧ ପରିବାରର ପୈତୃକ ଜମି ନିଆଗଲା। ପରେ ବାସଗୃହ ଅଧିଗ୍ରହଣ କରି ପ୍ରଥମ ଖଣି ଖୋଳାଗଲା। କୋଇଲା ଶେଷ ହୋଇଯିବାରୁ ୧୬ ବର୍ଷ ହେଲା ଖନନ ବନ୍ଦ ହେଲାଣି। ହେଲେ ଖଣି ପାଇଁ ବାସ ହରାଇଥିବା ବିସ୍ଥାପିତଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ଦେଇପାରି ନାହିଁ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ।ରେକର୍ଡ ପରିମାଣର କୋଇଲା ଉତ୍ପାଦନ ପାଇଁ ନିକଟରେ ଭାରତ ସରକାରଙ୍କ ପକ୍ଷରୁ ଏମ୍‌ସିଏଲ୍‌କୁ ପୁରସ୍କୃତ କରାଯିବା ପରେ ଏପରି ଗମ୍ଭୀର ଅଭିଯୋଗ ଆଣିଛନ୍ତି ଅନୁଗୋଳ ଜିଲା ତାଳଚେର ବଲଣ୍ଡା ଖଣି ଅଞ୍ଚଳର କେତେଜଣ ବିସ୍ଥାପିତ। ଥଇଥାନ ନାମରେ ଗଢ଼ାଯାଇଥିବା ପୁନର୍ବାସ କଲୋନୀରେ ବାସହରାଙ୍କ ପାଇଁ ସାମାନ୍ୟ ମୌଳିକ ସୁବିଧା କରିପାରି ନ ଥିବା କମ୍ପାନୀ ପୁରସ୍କାର ପାଇଁ ନୁହେଁ, ତିରସ୍କାର ଯୋଗ୍ୟ ବୋଲି ସମ୍ପୃକ୍ତ ବିସ୍ଥାପିତମାନେ କ୍ଷୋଭର ସହ କହିଛନ୍ତି ।କ୍ଷତିଗ୍ରସ୍ତମାନଙ୍କ କହିବା ଅନୁଯାୟୀ, ୧୯୬୦ ମସିହାରେ ତାଳଚେରରେ ପ୍ରଥମ କରି ସାଉଥ୍‌ବଲଣ୍ଡା ପୋଖରିଆ ଖାଦାନ ନିମନ୍ତେ ଏମ୍‌ସିଏଲ୍ ବଲଣ୍ଡା ଗ୍ରାମବାସୀଙ୍କ ୬୬୨ ଏକର ଜମି ଅଧିଗ୍ରହଣ କରିଥିଲା। ୧୯୬୨ରେ ଜଗନ୍ନାଥ ପୋଖରିଆ ଖାଦାନ ପାଇଁ ୨୩୮ ଏକର ଜମି କୋଲ ବିୟରିଂ ଆକ୍ଟ ଅନୁଯାୟୀ ଅକ୍ତିଆର କରିଥିଲା। ୧୯୮୫ ମସିହାରେ କମ୍ପାନୀ ସମ୍ପୂର୍ଣ୍ଣ ବାସଗୃହ ସହିତ ଆଉ ୨୭୩ ଏକର ହାତେଇ ନେଇଥିଲା। ଏହାପରେ ଜମି ଓ ବାସଗୃହ ହରାଇଥିବା ମୋଟ ୪୧୧ ପରିବାରକୁ ଥଇଥାନ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ ହାଣ୍ଡିଧୂଆ ନିକଟରେ ୩୨୧ ପରିବାରଙ୍କ ରହଣି ଉଦ୍ଦେଶ୍ୟରେ ମାତ୍ର ୨୪ ଏକର ଜାଗାରେ ପୁନର୍ବସତି କଲୋନୀ ସ୍ଥାପନ କରାଗଲା। ବାକି ୯୦ ପରିବାରକୁ ବାଘମରାଠାରେ ପ୍ଲଟ ଦିଆଗଲା। କିନ୍ତୁ ବାଘମରାଠାରେ ବାସୋପଯୋଗୀ ସୁବିଧା ନ ଥିବାବେଳେ ହାଣ୍ଡିଧୂଆ କଲୋନୀରେ ମଧ୍ୟ ସରକାରୀ ନିୟମର ଅନୁପାଳନ କରାଗଲା ନାହିଁ। ରାଜ୍ୟ ସରକାରଙ୍କ ୨ ଜାନୁୟାରୀ ୧୯୮୯ ବିଜ୍ଞପ୍ତି ଅନୁଯାୟୀ ପ୍ରତ୍ୟେକ ବିସ୍ଥାପିତ ପରିବାର ପିଛା ୦.୧୦ ଡିସିମିଲ ଜମି, ବିସ୍ଥାପିତ କଲୋନୀରେ ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ସ୍କୁଲ ଗୃହ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଚିତ୍ତବିନୋଦନ କେନ୍ଦ୍ର, ପୋଖରୀ, ଖେଳପଡ଼ିଆ, ଭେଟେରିନାରି ସେଣ୍ଟର, ଦୋକାନ ଗୃହ ଓ ବୃକ୍ଷରୋପଣ ସୁବିଧା ଯୋଗାଇ ଦିଆଯିବା କଥା। କିନ୍ତୁ ଏମ୍‌ସିଏଲ୍ ପକ୍ଷରୁ ବିସ୍ଥାପିତଙ୍କୁ ୦.୫ ଡିସିମିଲ ଲେଖାଏ ଜାଗା ଯୋଗାଇ ଦିଆଯାଇଛି। ଏଥିସହ ବାରମ୍ବାର ଅଭିଯୋଗ ପରେ ୨୬ ଜୁଲାଇ ୨୦୧୬ରେ ଅତି ସଂକୀର୍ଣ୍ଣ ରାସ୍ତା ନିର୍ମାଣ କରାଯାଇଛି। ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ନ କରିବାରୁ ପୌର ପରିଷଦ ପକ୍ଷରୁ ଲାଇଟ୍ ଲଗାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିତ୍ତବିନୋଦନ କେନ୍ଦ୍ର, ଦୋକାନଗୃହ କାର୍ଯ୍ୟକାରୀ ନ ହେବାରୁ ଭାଙ୍ଗିରୁଜି ଗଲାଣି। କଲୋନୀ ସମ୍ମୁଖରେ ଥିବା ଖଣି ଅଧିକାରୀ ଓ କର୍ମଚାରୀଙ୍କ କ୍ୱାର୍ଟର୍ସକୁ ବିଶୁଦ୍ଧ ଜଳ ଯୋଗାଣ ହେଉଥିବା ବେଳେ ପୁନର୍ବାସ କଲୋନୀକୁ ଭୂତଳ କୋଇଲା ଖଣିର ଦୂଷିତ ଜଳ ଯୋଗାଇ ଦିଆଯାଉଛି। ଏଯାଏ ପୋଖରୀ, ଶ୍ମଶାନ ବ୍ୟବସ୍ଥା ହୋଇ ନ ଥିବାବେଳେ ଗ୍ରାମ ଦେବତୀଙ୍କୁ କଲୋନୀକୁ ସ୍ଥାନାନ୍ତର ବ୍ୟବସ୍ଥା କରାଯାଇ ନାହିଁ। ଅନେକ ମୌଳିକ ସୁବିଧା ମିଳୁ ନ ଥିବାରୁ ପୁନର୍ବାସ କଲୋନୀରେ ମାତ୍ର ଶହେରୁ ଊର୍ଦ୍ଧ୍ୱ ବିସ୍ଥାପିତ ପରିବାର ରହୁଛନ୍ତି। ଅନ୍ୟମାନେ ନିଜ ଅସୁବିଧା ଅନୁଯାୟୀ ଅନ୍ୟତ୍ର ବସବାସ କରୁଛନ୍ତି। ଏ ନେଇ ଅନେକ ବିସ୍ଥାପିତ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ପଠାଇଥିଲେ। ହେଲେ ପୁନର୍ବାସ କଲୋନୀରେ ଥିବା ସମସ୍ୟାର ସମାଧାନ କରାଯାଇ ନ ଥିଲେ ମଧ୍ୟ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ୨୨ ଜୁନ ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସବୁ ବ୍ୟବସ୍ଥା କରାଯାଇଛି ବୋଲି ଜଣାଇଥିବା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ବୋଲି ବଲଣ୍ଡା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ନବୀନ ପ୍ରଧାନ କହିଛନ୍ତି,ପୁନର୍ବାସ କଲୋନୀରେ ପୋଖରୀ ଓ ଶ୍ମଶାନ ବ୍ୟବସ୍ଥା ହୋଇ ନଥିବାରୁ ହିନ୍ଦୁ ନୀତିନିୟମ ଅନୁଯାୟୀ ଶବ ସତ୍କାର କରିପାରୁ ନାହାନ୍ତି । କର୍ପୂର ପ୍ରଧାନ କହିଛନ୍ତି, ଆଜିପର୍ଯ୍ୟନ୍ତ କଲୋନୀର ସମସ୍ତ ପରିବାରକୁ ବିଜୁଳି, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇନାହିଁ। ୪୦ ପରିବାରକୁ ଜମି ପଟ୍ଟା ମିଳିନାହିଁ। ଧ୍ରୁବ ପ୍ରଧାନ କହିଛନ୍ତି, କଲୋନୀରେ ମଣିଷ ରହିବା ଭଳି ସୁବିଧା ଉପଲବ୍ଧ କରାଯାଇନାହିଁ। ତ୍ରିପୁର ଦେହୁରୀ କହିଛନ୍ତି, ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସମସ୍ୟାର ସମାଧାନ କରାଯାଇ ନାହିଁ। ପ୍ରତିବାଦରେ ୨୦୨୨ ପୌର ଭୋଟ ବର୍ଜନ କରିଥିଲୁ। ହେଲେ ବିସ୍ଥାପିତଙ୍କ ଦୁଃଖ ଦୂର ଦିଗରେ କେହି ଦୃଷ୍ଟି ଦେଉନାହାନ୍ତି । ଅଭିଯୋଗ ସମ୍ପର୍କରେ ଏମ୍‌ସିଏଲ୍‌ର ଜଗନ୍ନାଥ ଏରିଆ ମହାପ୍ରବନ୍ଧକ ଅଶୋକ କୁମାର ଧଳଙ୍କ ମତାମତ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ଫୋନ ରିସିଭ କରୁ ନ ଥିବାରୁ ମତାମତ ମିଳିପାରି ନାହିଁ।



# ବାପାକୁ ଗୁଳି କରି ହତ୍ୟାକଲା ନୃଶଂସ ପୁଅ

ବାରିପଦା, ୮ ସେପ୍ଟେମ୍ବର (ହି.ସ.)- ବାପାକୁ ଗୁଳି କରି ହତ୍ୟା କରିଛି ନୃଶଂସ ପୁଅ। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ କାଶୀକୁଣ୍ଡଳ ଗାଁରେ। ମୃତ ବ୍ୟକ୍ତି ଜଣକ ହେଲେ ଟିଲୁ ନାଏକ। ଅଭିଯୁକ୍ତ ପୁଅ କୈଳାଶ ନାଏକ ଘଟଣା ପରେ ଫେରାର୍ ହୋଇଯାଇଛି । ଗତକାଲି ରାତିରେ କୌଣସି କଥାକୁ ନେଇ ବାପା ଓ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। କୈଳାଶ ହଠାତ୍ ଉତକ୍ଷିପ୍ତ ହୋଇ ଶିକାର ପାଇଁ ଘରେ ରଖିଥିବା ଦେଶୀ ବନ୍ଧୁକ ଆଣିନିଜ ବାପାକୁ ଗୁଳି କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଟିଲୁଙ୍କର ମୃତ୍ୟୁ ଘଟିଥିଲା। ବାପାକୁ ହତ୍ୟା କରିବା ପରେ କୈଳାଶ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ଆଜି ସକାଳେ ପୋଲିସ ଓ ସାଇଂଟିଫିକ୍ ଟିମ୍ ସେଠାରେ ପହଂଚି ଘଟଣାର ତଦନ୍ତ କରିଛନ୍ତି। ପୁଲିସ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ବେଆଇନ ଶିକାର ପାଇଁ କେତେକ ଲୋକ ଘରେ ବନ୍ଧୁକ ରଖିଛନ୍ତି । ପ୍ରଶାସନ ପକ୍ଷରୁ ଏନେଇ ଛାନଭିନ୍ ଜୋରଦାର୍ କରାଯାଉନଥିବାରୁ ଅନେକ ସମୟରେ ଏଭଳି ଘଟଣା ସାମ୍ନାକୁ ଆସୁଛି । ତେଣୁ ଆଗାମୀ ଦିନରେ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଅସହାୟର ସାହା ସମାଜସେବୀ ଭଗବାନ ଢ଼ଙ୍ଗରି



ନନ୍ଦାହାଣ୍ଡି ୦୮/୯( ନି.ପ୍ର):ସଦାବେଳେ ଗରିବ ନିଃସହାୟ ଏବଂ ରାସ୍ତାରେ ବୁଲୁଥିବା ପାଗଳମାନଙ୍କୁ ସାହାଯ୍ୟ ସହଯୋଗ କରି ଅଞ୍ଚଳରେ ଚର୍ଚ୍ଚାରେ ଅଛନ୍ତି ମାଜସେବୀ ତଥା ନନ୍ଦାହାଣ୍ଡି ୧୦ନଂ ଜୋନ ଲେମ୍ପ ନିର୍ଦ୍ଦେଶକ ଭଗବାନ ଢ଼ଙ୍ଗରି, ବିଗତ ମାସରେ ରାସ୍ତାରେ ବୁଲୁଥିବା ଏକ ପାଗଳକୁ ରାସ୍ତାରେ ଦେଖି ତାର ଚୁଟି କାଟି ଗାଧୋଇବା ସହ ପାଗଳକୁ ଡ୍ରେସ ପିନ୍ଧେଇ ଚର୍ଚ୍ଚାରେ ରହିଥିଲେ । ଆଜି ପୁଣି ଶ୍ରୀ ଢ଼ଙ୍ଗରି ନିଜ ଘରୁ ଢ଼ଙ୍ଗରଭେଜା ଯାଉଥିବା ସମୟରେ ସାଗରମୁଣ୍ଡାର ଏକ ଗରିବ ବୃଦ୍ଧା ଯିଏକି ଫଟା ଲୁଗା ପିନ୍ଧିଥିବା ଦେଖି ସେଇ ବୃଦ୍ଧାକୁ ନିକଟସ୍ଥ କପଡା ଦୋକାନ ରେ ନେଇ ନୂଆ ଡ୍ରେସ ଦେବାସହ ହୋଟେଲରେ ନେଇ ଖାଇବାକୁ କିଣି ଦେଇଥିଲେ । ତାଙ୍କର ଏହି ମହାନ କାମ ପାଇଁ ଅଞ୍ଚଳ ବାସି ଶ୍ରୀ ଢ଼ଙ୍ଗରି ଙ୍କୁ ଶୁଭେଚ୍ଛା ର ସୁଅ ଛୁଟିବାରେ ଲାଗିଛି । ଏଥି ନିମନ୍ତେ ଶ୍ରୀ ଢ଼ଙ୍ଗରି ଙ୍କୁ ପଚାରିବାରୁ କହିଥିଲେ ମୁଁ ଗରିବ ନିଃସହାୟ ଲୋକଙ୍କୁ ଦେଖିଲେ ଏକ ଅତ୍ମୀୟତା ଭାବ ଜାଗ୍ରତ ହେବାସହ ମୋ ହୃଦୟରେ କିଛି ଆଘାତ ହୋଇଥାଏ ଏବଂ ସେଇ ଲୋକପ୍ରତି ମୋ ଦ୍ୱାରା ଯେତେ ସକ୍ଷମ କିଛି ସାହାଯ୍ୟ ପାଇଁ ମନବୋଳାଉ ଥିବା ନେଇ ମତ ଦେଇଥିଲେ ।

## 'ରାଜ୍ୟରେ ମହିଳା ଅସୁରକ୍ଷିତ'

ତାଳଚେର ୦୮/୯( ନି.ପ୍ର):ଏନସିଆରବି ରିପୋର୍ଟ ରେ ରାଜ୍ୟରେ ମହିଳା ଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ ଅହେତୁକ ଭାବେ ବୃଦ୍ଧି ପାଇଥିବାର ପ୍ରକାଶ ପାଇଛି ।ଦୈନିକ ୬ ଜଣ ମହିଳା ଦୁଷ୍କର୍ମ ର ସ୍ୱୀକାର ହେଉଛନ୍ତି, ରାଜ୍ୟରେ ପୋଲିସ ପ୍ରଶାସନ ଉପରୁ ମହିଳା ଙ୍କର ଭରସା ତୁଟି ଗଲାଣି, ଥାନା କୁ ଗଲେ ନ୍ୟାୟ ମିଳୁନି, ଶାସକ ଦଳର ନେତା ଙ୍କ ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ମହିଳା ମାନେ ରାଜ୍ୟରେ ଅସୁରକ୍ଷିତ ମଣୁଛନ୍ତି, ଏହାକୁ ନେଇ ବିଜେପି ମହିଳା ମୋର୍ଚ୍ଚା ର କୋର କମିଟି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାନେତ୍ରୀ ମିଲ୍ଲୀ ପ୍ରଧାନ, କାଉନ ସିଲର ଅନିତା ବିଶ୍ୱାଳ,ମୃଣାଳିନୀ ପଟ୍ଟନାୟକ, ସଂଯୁକ୍ତା ମହାରଣା, ଶୋଭାଗିନୀ ପ୍ରଧାନ, ଦିପ୍ତୀପ୍ରଭା ମହାରଣା, ଝରଣା ମହାପାତ୍ର ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ରାଜ୍ୟ ସରକାର ବିରୁଦ୍ଧରେ ଜନଆନ୍ଦୋଳନ କରାଯିବାକୁ ନିଷ୍ପତି ନିଆଯାଇଛି ।

# ମିଳିତ ଶିକ୍ଷକ ସଂଘ ଦ୍ୱାରା ଗୁରୁଦିବସ ପାଳିତ

ପାତ୍ରପୁର,୦୮/୯( ନି.ପ୍ର): ଶିକ୍ଷକ ଭବନ ପାତ୍ରପୁର ଠାରେ ସଂଘ ସଭାପତି ରାଜେଶ ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଭରତ ପତି ମହାବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ବି ଆର୍‌ସିସି ପ୍ରଫୁଲ୍ଲ କୁମାର ଚୌଧୁରୀ,ଅବସର ପ୍ରାପ୍ତ ଶିକ୍ଷକ ଏ. କେଶବଙ୍କ ସମେତ ସଂଘ ଉପସଭାପତି ସୁକାନ୍ତ କୁମାର ଜେନା ଓ ସମ୍ପାଦକ ଶଶାଙ୍କ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ନିଜ ନିଜର ଅଭିଭାଷଣ ପ୍ରଦାନ କରିଥଲେ। ଶିକ୍ଷକ ରାମ ଗୋପାଳ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ପ୍ରୀତିଲତା ପାତ୍ର, ଶିକ୍ଷକ ଗୋପବନ୍ଧୁ ପ୍ରଧାନ,ସୁଧୀର ପାଢ଼ୀ, କୈଳାଶ ମଲିକଙ୍କ ସହିତ ସଂଗୀତ କ୍ଷେତ୍ରରେ ରାଜେଶ କୁମାର ପ୍ରଧାନ,ଶିକ୍ଷା କ୍ଷେତ୍ର ରେ ଲଳିତା ବଡମୁଣ୍ଡି, ତିତଲୀ ହିରୋ ଭାବେ ସୁରେନ୍ଦ୍ର ବେହେରା ଓ ସମାଜସେବକ ଭାବେ ନିଶାମଣି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶିର କୁମାର ମହାପାତ୍ର,ଏମ.



ଚନ୍ଦ୍ରଶେଖର,ରତୁ ପର୍ଣ୍ଣ ରେଡି ଆର୍ ଚେନ୍ନାୟା,ଜନ୍ମେଜୟ ସାମନ୍ତ, ବେଣୁ ଗୋପାଳ ପାଢ଼ୀ, ଧର୍ମା ରାଓ, ଡି. ପୃଥ୍ୱୀରାଜ, ଶରତ ଗୌଡ଼, ପ୍ରଦୀପ ଶବର, ମୁକୁନ୍ଦ ଶବର, ଶିବ ପ୍ରସାଦ ପ୍ରଧାନ, କରୁଣାକର ଶବର, ବାଇଲୁଡୁ ସାହୁ ଶିକ୍ଷୟିତ୍ରୀ ସୁଶୀଳା ତିଆଡ଼ି, ପ୍ରବିତା କୁମାରୀ ମହାପାତ୍ର, ଅମ୍ରିତା ପରିଡା,ଏ. ଶ୍ରୀଦେବୀ ସହିତ ପାତ୍ରପୁର ବ୍ଲକ ର ପ୍ରାୟ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ତେଲୁଗୁ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ କାର୍ଯ୍ୟକ୍ରମ ନିମନ୍ତେ ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରଥିବାର ଖବର ପ୍ରକାଶିତ ହେବାପରେ ଶ୍ରୀ ପ୍ରଫୁଲ୍ଲ ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣା ଯାଇଥିଲା। ପାତ୍ରପୁର ବ୍ଲକରେ ସର୍ବ ପ୍ରଥମେ ଗୁରୁଦିବସ ଆରମ୍ଭ କରିଥିବା ଅବସର ପ୍ରାପ୍ତ ଶିକ୍ଷକ ଦଣ୍ଡପାଣି ମିଶ୍ର ମହୋଦୟଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଥିଲା ପରି ଶେଷରେ ଶିକ୍ଷକ ଚିତ୍ତ ରଞ୍ଜନ ସାମଲ ଧନ୍ୟବାଦ ବାଦ ଅର୍ପଣ କରିଥିଲେ ।

# ଅତାବିରା ପୋଲିସ ହାବୁଡ଼ରେ ଯୁଆଡ଼ି




ବରଗଡ଼୦୮/୯( ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତ ର ଜୁଜୁଗାଁ ଠାରେ ଏହି ଖେଳ ଚାଲୁଥିବା ବେଳେ ଛଦ୍ମ ବେଶରେ ପୋଲିସ ପହଞ୍ଚି ପ୍ରଥମେ ଖେଳିବା ବାହାନାରେ ତାଙ୍କର ସବୁ କିଛି ନିରୀକ୍ଷଣ କରିବା ପରେ ଦଳକୁ ସୂଚନା ଦେଇଥିଲେ . ପୋଲିସ ଦଳ ପହଞ୍ଚିବା ପରେ ସମସ୍ତେ ଦୌଡ଼ି ପଳେଇବାର ଉଦ୍ୟମ କରିଥିଲେ ହେଁ ପୋଲିସ ବର୍ତ୍ତି ନ ପାରି ପୋଲିସ ହାତରେ ଧରାପଡ଼ି ଗିରଫ ହୋଇଥିବା ଜଣା ପଡିଛି. ଏହି ଘୁଡୁଘୁଡୁ ପଟି ଖେଳ ଖେଳାଉ ଥିବା ଅଭିଯୁକ୍ତ ମାନେ ହେଲେ ଅତାବିରା ଥାନା ଅନ୍ତର୍ଗତ କାଠଡେରା ର ଶଙ୍କର ଚୌଧୁରୀ (୪୬),ଚୂଳଧର ର ସୁରେଶ ବାଗ(୪୦),ଖରମୁଣ୍ଡା ର ବ ଳ ର । ମ ବାରିକ୍(୪୨),ବେଲବାହାଳି ର ଲରେନ୍ସ ଆଇନ୍ଦ (୩୫),ବରଗଡ଼ ଟାଉନ ଥାନାର ବନ୍ଦା ଗ୍ରାମର ଡାକ୍ତର ଭେଶ୍ରା(୩୫) ଓ ବୁର୍ଲୁଙ୍ଗ ଥାନା କଳାମାଟି ଗ୍ରାମର ଅରୁଣ କୁମାର ଦେବତା (୪୧) କୁ ଗିରଫ କରିବା ସହ ଏମାନେ ବ୍ୟବହାର କରୁଥିବା ଓଡି ୧୭ ଏସ ୬୮୩୮ ନଂ ର ଏକ ହିରୋ ଗ୍ଲେମର ବାଇକ୍,ଦୁଇଟି ମୋବାଇଲ ଫୋନ,ନଗଦ ୪୧୬୦୦ ଟଙ୍କା,ଏକ ଘୁଡୁଘୁଡୁ ପଟି,ଛଅଟି ଡାଇସ ଓ ଗୋଟିଏ ବାଉଁଶ ତିଆରି ଟୋକେଇ( ବାସ୍କେଟ) ଜବତ କରିଛି . ଏହି ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଭାରତୀୟ ପେନାଲ କୋର୍ଟ ଧାରା ୪୨୦/୩୪ କ୍ରମେ ଆର୍ ଡବ୍ଲୁ ବିଭାଗ ୩ ରେ କେସ ନଂ ୩୦୪ ରେ ଏକ କେସ ରୁଜୁ କରି କୋର୍ଟ ଚାଲାଣ କରିଥିବା ଅତାବିରା ପୋଲିସ ସୂତ୍ରରୁ ଜଣା ପଡ଼ିଛି ।

# ଶ୍ମଶାନରେ ଲାଇଟ୍ ଲାଗୁନି ମୋବାଇଲ ଆଲୁଅରେ ହେଲା ଅନ୍ତିମ ସଂସ୍କାର

ଉମରକୋଟ ୦୮/୯( ନି.ପ୍ର): ଚଜଲୁନି ସ୍ମଶାନ ର ଲାଇଟ ମୋବାଇଲ ଲାଇଟ ରେ ହେଲା ଅନ୍ତିମ ସଂସ୍କାର । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ରୁ । ଉମରକୋଟ ଶ୍ମଶାନର ଆଲୁଅ ବ୍ୟବସ୍ଥା ର ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ଦୀର୍ଘ ଦିନ ହେଲା ଅନ୍ଧାରରେ ରହିଛି ଫଳ ରେ ଜଣଙ୍କ ଅନ୍ତିମ ସଂସ୍କାର ବାଇକ ଆଲୁଅ ରେ କରିବାକୁ ପଡ଼ିଛି। ଘଟଣା ଅନୁଯାୟୀ ଉମରକୋଟ ସହର ଗୁଲିପାଟଣା ନିବାସୀ ବି, ନାଗେଶ୍ୱର ରାଓ ଙ୍କ ର ମୃତ୍ୟୁ ହୋଇଥିଲା। ତେବେ ଲୋକେ ଅନ୍ତିମ



ସଂସ୍କାର କରିବା ପାଇଁ ରାତି ପ୍ରାୟ ୮ ଟା ସମୟ ରେ ଲୋକେ ପାଞ୍ଚ ନମ୍ବର ୱାର୍ଡ ଠାରେ ଥିବା ଶ୍ମଶାନ କୁ ନେଇ କି ଯାଇଥିଲେ। ତେବେ ସ୍ମଶାନ ଠାରେ ଆଲୁଅ ବ୍ୟବସ୍ଥା ଥିଲେ ହେଁ ଉପଯୁକ୍ତ ରକ୍ଷଣା ବେକ୍ଷଣ ର ଅଭାବ ଯୋଗୁ ଲାଇଟ ଲାଗି ନଥିଲା ଫଳରେ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ଯାଇଥିବା ଲୋକଙ୍କ ବାଇକ ଓ ପିକଅପ ଲାଇଟ ସହାୟତା ରେ ଅନ୍ତିମ୍ ସଂସ୍କାର କରିଥିଲେ। ଅନ୍ୟ ପକ୍ଷରେ ଶ୍ମଶାନ ଟି ଲଟା ବୁଦା ରେ ଭରପୁର ହୋଇ ରହିଛି ତାକୁ ମଧ୍ୟ ସଫା କରିବାକୁ ବ୍ୟବସ୍ଥା କରାଯାଉ ନାହିଁ। ଆଲୁଅ ବ୍ୟବସ୍ଥା ର ରକ୍ଷଣା ବେକ୍ଷଣ ପାଇଁ ଭୁବନେଶ୍ୱର ର ଏକ ସଂସ୍ଥା କୁ ଦିଆ ଯାଇଛି। କିନ୍ତୁ ଏହି ସଂସ୍ଥା ତାର କାମ ଠିକ୍ ସେ ନିର୍ବାହ କରୁନଥିବା ସହରବାସି ଅଭିଯୋଗ କରିଛନ୍ତି। ତୁରନ୍ତ ଶ୍ମଶାନ ର ଆଲୁଅ ବ୍ୟବସ୍ଥା ଓ ଲଟା ବୁଦା ସଫା କରିବା ପାଇଁ ସାଧାରଣ ରେ ଦାବୀ ହେଉଛି।

# ସରୋଜ ରାଉଳଙ୍କ ଏକାଦଶାହ ସ୍ମୃତିଚାରଣ ସମାରୋହ

ଝଙ୍କଡ଼୦୮/୯( ନି.ପ୍ର): ଜଗତସିଂହପୁର ଜିଲ୍ଲା ତଥା ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ଝଙ୍କଡବାସୀନି ମା' ଶାରଳା ଠାକୁରାଣୀଙ୍କ ଅଙ୍ଗଲାଗି ସେବକ ତଥା ବିଶେଷ କରି ଦୀର୍ଘ ଏକୋଇଶି ଦିନ ବ୍ୟାପି ଚନ୍ଦନଯାତ୍ରା ଉପଲକ୍ଷେ ସୁବାସିତ ଚନ୍ଦନ ପ୍ରସ୍ତୁତିର ପ୍ରମୁଖ ଦାଇତ୍ୱ ବହନ କରିଆସିଥିବା ସେବକ ସରୋଜ କୁମାର ରାଉଳଙ୍କର ପବିତ୍ର ଏକାଦଶାହ ଉପଲକ୍ଷେ ସ୍ମୃତିଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସ୍ୱର୍ଗତ ସରୋଜ ରାଉଳଙ୍କ ବାସଭବନ ପ୍ରାଙ୍ଗଣରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହରେ ବିଶେଷ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।ଏଥିରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ,ଆମ୍ବା ଅଧକ୍ଷ ବସନ୍ତ କୁମାର ମହାପାତ୍ର, ଛାତ୍ରନେତା ବିମଳ ମହାପାତ୍ର, ଯୁବନେତା ରମେଶ ଚନ୍ଦ୍ର ରାଉଳ, ସମାଜସେବୀ ତଥା ବିଜେପି ନେତା ଅଶୋକ କୁମାର ମହାନ୍ତି,କନକପୁର ସମିତି ସଭ୍ୟା ନୟନା ସାମଲ, ପ୍ରାକ୍ତନ ସରପଞ୍ଚ ବିଜୟନାୟକ, ଯୁବନେତା ଇଁ ସୁମିତ ଦାସ, କୋଷ୍ଠିମଲ୍ଲିକାପୁର ସରପଞ୍ଚ ବିଭୂ ପ୍ରସାଦ ମହାନ୍ତି, ସାରଳା ମନ୍ଦିର ପୂଜକ ରଞ୍ଜନ କୁମାର ପଣ୍ଡାଙ୍କ ସମେତ ବହୁବିଶିଷ୍ଟ ମାନ୍ୟଗଣ୍ୟବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ସ୍ୱର୍ଗତ ସରୋଜଙ୍କର ଜୀବନଚର୍ଯ୍ୟା ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ବଡ଼ପୁଅ ବିକାଶ କୁମାର ରାଉଳ ଓ ସାନପୁଅ ଆଶୁତୋଷ ରାଉଳ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଅରବିନ୍ଦ ରାଉଳ, ବିଜୟ କୁମାର ରାଉଳ, ସମୀରକାନ୍ତ ରାଉଳ, ବିଶ୍ୱଜିତ ରାଉଳ, ବିଶ୍ୱାସ ରାଉଳ, ଆଶିଷ ରାଉଳ,ଅବିନାଶ ରାଉଳ, ଅବକାଶ ରାଉଳ, ହରେକୃଷ୍ଣ ରାଉଳ ଓ ରମାକାନ୍ତ ରାଉଳ ପ୍ରମୁଖ ପରିଚାଳନାରେ ସକ୍ରିୟ ସହଯୋଗ କରିଥିବାର ଦେଖିବାକୁ ମିଳିଥିଲା।

# ଶ୍ରୀନଅରରେ ସୁନିଆ ପର୍ବ ପାଳିତ,୧୪୩୦ ସାଲ ଆରମ୍ଭ

ପୁରୀ, ୦୮/୯( ନି.ପ୍ର): ଆଜି ଶ୍ରୀନଅରରେ ପବିତ୍ର ସୁନିଆ ପର୍ବ ପାଳିତ ହୋଇଯାଇଛି । ଶ୍ରୀ ବାମନ ଜନ୍ମ, ସୁନିଆଁ। ଉତ୍କଳୀୟ ୧୪୩୦ ସାଲ ଆରମ୍ଭ ହୋଇଛି। ଶ୍ରୀଦ୍ୱିବ୍ୟସିଂହ ଦେବ ମହାରାଜାଙ୍କର ୬୫ ଅଙ୍କ ଆରମ୍ଭ ହୋଇଛି। ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଆରମ୍ଭ ହୋଇଛି ନବବର୍ଷ । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆ, ଗଜପତିଙ୍କ ନୂତନ ଅଙ୍କ । ତେଣୁ ସୁନିଆକୁ ଉତ୍କଳୀୟ ଗଜପତିଙ୍କ ନବବର୍ଷ ବୋଲି ଧରାଯାଏ । ଓଡ଼ିଆ ପାଇଁ ଓ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ । ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥିଲା । ସୁନିଆ ଦିନ ଷୋଳଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟିଦେଇ ମହାରାଜାଙ୍କୁ ଆଶିର୍ବାଦ କରିଥିଲେ । କରଣ ସାମନ୍ତମାନେ ମଧ୍ୟ ଶ୍ରୀନଅରକୁ ଆସି ଗଜପତି ମହାରାଜାଙ୍କୁ ଭେଟି ଦେଇଥିଲେ । ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା । ସୁନିଆ ଦିନ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି ।

# ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ସୁବର୍ଣ୍ଣପୁର ଜିଲ୍ଲାରେ ବନ୍ଦ ପାଳନ ସଫଳ

ସୁବର୍ଣ୍ଣପୁର ,୦୮/୯( ନି.ପ୍ର): ଆଜି ସାରା ପଶ୍ଚିମ ଓଡିଶାରେ କୋଶଳ ମହାବନ୍ଦ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ଏହାର ଜବରଦସ୍ତ ପ୍ରଭାବ ଦେଖିବାକୁ ମିଳିଛି । କୋସଳ ସେନା ଓ କୋସଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆହୁତ ଏହି ମହାବନ୍ଦ ସକାଳ ୬ ଟାରୁ ସନ୍ଧ୍ୟା ୬ଟାପର୍ଯ୍ୟନ୍ତ ୧୨ଘଣ୍ଟିଆ ପାଳନ କରାଯାଇଥିବା ବେଳେ ସାରା ସୁବର୍ଣ୍ଣପୁର ଜିଲ୍ଲାରେ ଏହି ବନ୍ଦକୁ ଅଭୂତପୂର୍ବ ଜନ ସମର୍ଥନ ମିଳିଛି। ଯଦିଓ କୋଶଳ ସେନା ଓ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଏହି ବନ୍ଦ ପାଳନ ଡାକରା ଦିଆଯାଇଥିବା ବେଳେ ଏହାକୁ ସମର୍ଥନ କରିଛନ୍ତି ବିଭିନ୍ନ ରାଜନୈତିକ ଦଳ ।ସକାଳୁ ସକାଳୁ ଏହି ସଂଗଠନର କାର୍ଯ୍ୟକର୍ତ୍ତାମାନେ ସହରର ମୁଖ୍ୟ ବ୍ଲକଛକ ଓ ସହରର ପ୍ରମୁଖ ପ୍ରବେଶ ପଥ ଓ ବିଭିନ୍ନ ଛକ ଗୁଡିକରେ ରାସ୍ତା ଅବରୋଧ କରି ବନ୍ଦ କରିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିବା ଦେଖାଯାଇଛି । ସହରର ସବୁ ଦୋକାନ , ବଜାର, ବ୍ୟବସାୟୀକ ପ୍ରତିଷ୍ଠାନ ଆଦି ବନ୍ଦ ଥିବା ବେଳେ ସ୍କୁଲ, କଲେଜ ସବୁ ସରକାରୀ , ବେସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ ରହିଥିଲା ତେବେ ଏହି ବନ୍ଦ ରୁ ଜରୁରୀ ସେବା କୁ ବାଦ୍ ଦିଆଯାଇଛି ।ପଶ୍ଚିମ ଓଡିଶାବାସୀ ସବୁ କ୍ଷେତ୍ରରେ ଅବହେଳିତ ରହିଥିବା ବେଳେ ରାଜନୈତକ, ଅର୍ଥନୈତିକ,ସାମ୍ବିଧାନିକ ତଥା ବେକାରୀ ସମସ୍ୟା ଆଦିକୁ ସବୁ କ୍ଷେତ୍ରରେ ରାଜ୍ୟ ସରକାର ଅଣଦେଖା କରୁଥିବା ଯୋଗୁଁ ଏଭଳି ବନ୍ଦ କରାଯାଇଛି ବୋଲି ବିକ୍ଷୋଭ କାରୀମାନେ ପ୍ରକାଶ କରିଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପଶ୍ଚିମ ଓଡିଶାବାସୀଙ୍କ ଏହି ନ୍ୟାର୍ଯ୍ୟ ଦାବି ପ୍ରତି ଧ୍ୟାନ ଦେବା ପାଇଁ ଦାବି କରିବା ସହ ଅତିଶୀଘ୍ର କୋଶଳାଞ୍ଚଳକୁ ସ୍ୱତନ୍ତ୍ର ରାଜ୍ୟ ଘୋଷଣା କରିବା ସହ ସ୍ୱତନ୍ତ୍ର ରାଜ୍ୟ ଗଠନ ର ସମର୍ଥନ ରେ ବିଭିନ୍ନ ନାରା ଦେଇଛନ୍ତି। ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ।ଆଜିର ଏହି ମହାବନ୍ଦ ଜିଲ୍ଲାର ସମସ୍ତ ୬ଟି ବ୍ଲକରେ ପାଳନ ହୋଇଥିବା ବେଳେ ବନ୍ଦ ସଂପୂର୍ଣ୍ଣ ଶାନ୍ତି ପୂର୍ଣ୍ଣ ଥାଇ କୌଣସି ଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା।

# ବିଦ୍ୟାଳୟରେ ଗୁରୁ ଦିବସ ପାଳିତ

ପଟ୍ଟାମୁଣ୍ଡାଇ ୦୮/୯( ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଡାଖଣ୍ଡ-ମଠସାହି ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜୟନ୍ତୀ ଓ ଗୁରୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ରାମଚନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଶିକେଷ ରାଉତ, ମୋ ସ୍କୁଲ ଅଭିଯାନର ସଭାପତି ସତ୍ୟରଞ୍ଜନ ପଣ୍ଡା, ରଞ୍ଜିତା ଦାସ, ପୁରାତନ ଛାତ୍ର ଦେବାଶୀଷ ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁରୁ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଅବଗତ କରାଇବା ସହିତ ମହାନ ଦିବସର ବୈଶିଷ୍ଟ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏଇ ଅବସରରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ମେଧାବୀ ଛାତ୍ର ସାଇରାମ ପଣ୍ଡା ଗୁରୁଜୀ ଓ ଗୁରୁମାମାନଙ୍କୁ ଉତରୀୟ ପ୍ରଦାନ କରି ଆର୍ଶିବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।

# ଭଙ୍ଗା ପୋଲରେ ବିପଦ ପୂର୍ଣ୍ଣ ଯାତ୍ରା

ଫୁଲବାଣୀ, ଜିଲାରେ ଗତ ଲଗାଣ ବର୍ଷାରେ ଅନେକ ଅଂଚଳର ଯୋଗା ଯୋଗ ବିଛିନ୍ନ ହୋଇଛି । ବର୍ତ ମାନ ସୁଦ୍ଧା ଭାଙ୍ଗି ଯାଇଥିବା ପୋଲ କିମ୍ବା ରାସ୍ତାର ନିର୍ମାଣ ହୋଇ ନାହିଁ । 'ଳରେ ବିଭିନ୍ନ ସ୍ଥାନରେ ସାଧାରଣ ଜନତା ଙ୍କ ଠାରୁ ଆରମ୍ଭ କରି ଶିକ୍ଷକ ବିଦ୍ୟାର୍ଥୀ ବିପଦ ସଙ୍କୁଳ ଭାବେ ବିଭିନ୍ନ ଭଙ୍ଗା ପୋଲରେ ଯାତାୟତ କରୁଛନ୍ତି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ପଲାବୃଡି ପଂଚାୟତର ବାଲିପଦର ଗ୍ରାମରେ । ବାଲିପଦର ଠାରୁ ରାଣୀ ମାଲିକା ମୁଖ୍ୟ ରାସ୍ତା ପୋଲ ଭାଙ୍ଗି ଯାଇଛି । ଫଳରେ ଅନେକ ଛାତ୍ର ଛାତ୍ରୀ ସ୍କୁଲ କୁ ଯିବା ପାଇଁ ପୋଲ ଉପରେ ୨ ଖଂଡ କାଠ ପକାଇ ଜୀବନକୁ ବାଜି ଲଗାଇ ଯାତାୟତ କରୁଛନ୍ତି । ଫରିଙ୍ଗିଆ ବ୍ଲକ କିମ୍ବା ଫୁଲବାଣୀ କୁ ଆସିବାକୁ ହେଲେ ରାଣୀ ମିଳିକା ଗ୍ରାମ ସମେତ ଆଖ ପାଖରେ ଥିବା ପ୍ରାୟ ୧୦ ଟି ଗ୍ରାମର ଲୋକ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି । ପୋଲ ଭାଙ୍ଗି ଯାଇଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅନ୍ୟପଟେ ଏହି ପୋଲ ନିର୍ମାଣ ପାଇଁ ସରପଂଚ ଓ ସଭ୍ୟ ମାନେ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଛନ୍ତି । ତୁରନ୍ତ ପୋଲର ମରାମତି କରାଯିବ ବୋଲି 'ରିଙ୍ଗିଆ ବିଡିଓ ଅବଗତ କରିଛନ୍ତି ।

# ବର୍ଷା ଦିନେ ମଧ୍ୟ ନଳକୂପ ଅଚଳ,ଚୁଆ ପାଣି ହିଁ ଭରସା

ଫୁଲବାଣୀ, ଗ୍ରାମାଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । କିନ୍ତୁ ତାହାର କାର୍ଯ୍ୟକାରିତାର ସଫଳ ରୂପାୟନ ହୋଇ ପାରୁ ନାହିଁ । ଫଳରେ ଲୋକେ ଦୂଷିତ ଜଳପିଇବାକୁ ବାଧ ହେଉଛନ୍ତି । କେତେକ ଅଂଚଳରେ ପ୍ରକଳ୍ପ ଥିଲେ ମଧ୍ୟ ତାହା ସଠିକ୍ କାମ କରୁନି । ଆଉ କେଉଁଠି ନଳକୂପ ଅଚଳ । ଦାରିଙ୍ଗବାଡି ଅଂଚଳର ଇର୍ପିସରୁ ଗ୍ରାମରେ ଦୀର୍ଘ ଦିନ ହେଲା ଗ୍ରମରେ ଥିବା ଏକ ମାତ୍ର ନଳକୂପ ଅଚଳ ହୋଇ ପଡିଥିବା ବେଳେ ଚୁଆ ଉପରେ ଗ୍ରାମବାସୀ ନିର୍ଭର କରନ୍ତି । ପଂଚାୟତର ୧୭ ନମ୍ବର ୱାର୍ଡ ରେ ଥିବା ଏହି ଗ୍ରାମରେ୪୦ ଟି ପରିବାର ୨ ଶହରୁ ଅଧିକ ଲୋକ ବାସ କରନ୍ତି ହେଲେ ଗ୍ରାମର ନଳକୂଅ ଟି ମରାମତି ହେବାର ୧୫ ଦିନ ପରେ ପୁଣି ଖରାପ ହୋଇଗଲା । ତାହା ଏବ ସୁଦ୍ଧା ଉରାମତି ହୋଇ ପାରି ନାହିଁ । ଚୁଆ କୁ ଯାତାୟତ ପାଇଁ ଭଲ ରାସ୍ତାଟିଏ ମଧ୍ୟ ନାହିଁ । ବିଲ ଜମି ଦେଇ ସେଠାକୁ ଯିବାକୁ ପଡେ । ପୂର୍ବରୁ ଗାଁ ରେ କୂଅ ଟିଏ ଥିଲା ହେଲେ ସେଥିରେ ମଇଁଶି ଟିଏ ପଡି ମୃତ୍ୟୁ ବରଣ କରିବାରୁ ତାହା ଅବ୍ୟବହୃତ ହୋଇ ପଡିଲା ।

ଅନ୍ୟପକ୍ଷରେ ଏହି ଗ୍ରାମକୁ ବସୁଧା ଯୋଜନା ରେ ପାଇପ୍ ଜଳ ଯୋଗାଣ ଅପହଂଚ । ପଂଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୧ କି.ମି ଦୂରରେ ଥିବା ଏହି ଗାଁ ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା । ଅନ୍ୟ ପକ୍ଷରେ ଶ୍ରୀନିକେତା ପଂଚାୟତ ହେଉଛି ଘୁ.ଉଦୟଗିରି ବିଧାୟକ ଙ୍କ ନିଜ ପଂଚାୟତ ତଥାପି ଗ୍ରାମବାସୀ ବିଶୁଦ୍ଧ ପ୍ରନୀୟ ଜଳ ମୁନ୍ଦେ ପାଇ ପାରୁ ନଥିବାରୁ ଅତି ଦୁଃଖରେ କାଳ କାଟୁଛନ୍ତି । ସେମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ମୁନ୍ଦେ ବ୍ୟବସ୍ଥା କରିବାକୁ ଏହି ଅଂଚଳ ବାସୀ ଦାବି କରିଛନ୍ତି ।

# ସରିଲା ଗଣେଶ ଯାତ୍ରା : ଶରଧାବାଲିରେ ଚିତ୍ତାକର୍ଷକ ଗଣେଶ ମେଳଣ

ପୁରୀ,୦୮/୯( ନି.ପ୍ର): ୨ବର୍ଷ ପରେ ବଡ଼ଦାଣ୍ଡ ଓ ପୁରୀ ସହରର ପ୍ରମୁଖ ରାସ୍ତାମାନଙ୍କରେ ଦେଖିବାକୁ ମିଳିଲା ବିଭିନ୍ନ ପୂଜା ମଣ୍ଡପରେ ଅର୍ଚ୍ଚିତ ଗଣେଶ ମେଢ଼ଗୁଡ଼ିକର ବର୍ଣ୍ଣାଢ଼୍ୟ ଭସାଣି ଶୋଭାଯାତ୍ରା । ଶରଧାବାଲିରେ ଅନୁଷ୍ଠିତ ହେଲା ଚିତ୍ତାକର୍ଷକ ଗଣେଶ ମୂର୍ତ୍ତି ମେଳଣ । ବାଜା, ବାଣ ଓ ରୋଷଣିରେ କମ୍ପିଲା ସାରା ସହର । କରୋନା କଟକଣା ହଟିବା ପରେ ଏ ବର୍ଷ ସହରର ଗଣେଶ ପୂଜା ମଣ୍ଡନଗୁଡ଼ିକ ହୋଇ ଉଠିଥିଲା ଚଳଚଞ୍ଚଳ । ସୁସଜ୍ଜିତ ମଣ୍ଡପରେ ସଂସ୍ଥାପିତ ହୋଇଥିଲେ ଗଣପତିଙ୍କ ସୁଦୃଶ୍ୟ ମୂର୍ତ୍ତି । ଜରିଜମ୍ଭୁରାର କାରୁକାର୍ଯ୍ୟପୂର୍ଣ୍ଣ ମେଢ଼ ଓ ସାଜ ସାଙ୍ଗକୁ ରଙ୍ଗୀନ ଆଲୋକ ସଜାରେ ଝଟକିଥିଲା ପୂଜାମଣ୍ଡପ । ସପ୍ତଦିବସ ବ୍ୟାପି ଗଣେଶ ଯାତ୍ରା ପରେ ମଙ୍ଗଳବାର ସନ୍ଧ୍ୟାରେ ମୂର୍ତ୍ତିଗୁଡ଼ିକୁ ଦିଆଯାଇଥିଲା ମେଲାଣି । ବିଭିନ୍ନ ପୂଜା ମଣ୍ଡପରୁ ଗଣେଶ ମେଢ଼ଗୁଡ଼ିକ ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ଯାଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସମବେତ ହୋଇଥିଲେ । ଶ୍ରୀକ୍ଷେତ୍ର ଗଣପତି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା ସପ୍ତଦଶ ଗଣପତି ମହୋତ୍ସବ-୨୦୨୨ । ଭସାଣି ପାଇଁ ସମବେତ ସହରର ବିଭିନ୍ନ ଅଞ୍ଚଳରେ ପୂଜା ପାଇଥିବା ଗଣେଶ ମୂର୍ତ୍ତିଗୁଡ଼ିକୁ ଦେଖିବା ପାଇଁ ଶରଧାବାଲିରେ ଜମିଥିଲା ଦର୍ଶକଙ୍କ ଭିଡ଼ । ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ବିଭିନ୍ନ ପୂଜାକମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଜ୍ଜ୍ୱଳ ଆଲୋକରେ ଉଦ୍‌ଭାଷିତ ଶରଧାବାଲିରେ ସୃଷ୍ଟି ହୋଇଥିଲା ଉତ୍ସବ ମୁଖର ପରିବେଶ । ୩୦ରୁ ଅଧିକ ଗଣେଶ ମୂର୍ତ୍ତି ଗଣେଶ ମେଳନରେ ଭାଗ ନେଇଥିଲେ । ଅତିଥି ରୂପେ ଯୋଗଦାନ କରିଥିଲେ ବିଶିଷ୍ଟ ସ୍ଥପତି ପଦ୍ମ ବିଭୂଷଣ ସୁଦର୍ଶନ ସାହୁ । ଉପଜିଲ୍ଲାପାଳ ଭବତାରଣ ସାହୁ, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ ଓ ପୂର୍ବତନ କାଉନସିଲର ଭକ୍ତଚରଣ ଦାସ । ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଓ ପୌରପାଳିକାର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଗଣପତି ମହୋତ୍ସବରେ ବିଭିନ୍ନ ସାହି ଗଣେଶ କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ସମ୍ମାନରେ ସମ୍ମାନିତ ହୋଇଥିଲେ । ଚଳଚ୍ଚିତ୍ର କଳା ନିର୍ଦ୍ଦେଶକ ପି. ମଣ୍ଟୁ ମହାପାତ୍ର, ଶିବସୁନ୍ଦର ମିଶ୍ର ଓ ଶ୍ରୀମନ୍ତ ଦାସ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ । କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ ଡ଼କ୍ଟର କୈଳାସ ଚନ୍ଦ୍ର ଟିକାୟତ ରାୟ, ବିନୋଦ ପଣ୍ଡା, ଚକ୍ରଧର ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି ଓ ଶୀତଲ ମିଶ୍ର । ମହୋତ୍ସବ କମିଟିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ଉପସଭାପତି ଦୁର୍ଗା ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଆଲୋକ ମହାପାତ୍ର, ପ୍ରସନ୍ନ ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ମହୋତ୍ସବ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ପରିବେଷିତ ହୋଇଥିଲା ପାରମ୍ପରିକ ମାହାରୀ ନୃତ୍ୟ । ଆରଡ଼ି ଡ୍ୟାନ୍ସ କଲଚରାଲ ଏକାଡ଼େମୀର କଳାକାର ଶିବ ବନ୍ଦନା ପରିବେଷଣ କରିଥିଲେ । ଲିଟିଲ ଷ୍ଟାର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ପରିବେଷିତ ହୋଇଥିଲା । ମହାଭାରତ ଓ ଶ୍ରୀ ଗଣେଶ ଜନ୍ମ ଗୀତିନାଟ୍ୟ । ମଧୁସୂଦନ ରାୟ ଓ ତାଙ୍କ ସାଥୀମାନେ ମାଲଖମ୍ବ ପ୍ରଦର୍ଶନ କରିଥିଲେ । ୨ ବର୍ଷ ପରେ ଶରଧାବାଲିରେ ଗଣେଶ ମେଳଣ ଓ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଅଭିଭୂତ କରିଥିଲା ।

# ମୋବାଇଲ ଚୋରି ଅଭିଯୋଗରେ ଯୁବକ ଗିରଫ

ପୁରୀ,୦୮/୯( ନି.ପ୍ର): ମୋବାଇଲ ଚୋରି ଅଭିଯୋଗରେ ବଳିଆପଣ୍ଡା ଥାନା ପୁଲିସ ବଳିଆପଣ୍ଡା ବସ୍ତି କେତକିଝରର ଅଞ୍ଚଳର ଲୋକନାଥ ଦାସଙ୍କ ପୁଅ ଚନ୍ଦନ ଦାସ ଓରଫ ଭିକି(୨୮)କୁ ଗିରଫ କରିଛି । ଚନ୍ଦନ ଠାରୁ ଗୋଟିଏ ସ୍ୟାମସଙ୍ଗ ଗ୍ୟାଲାକ୍ସି ଜେ୭ ପ୍ରାଇମ ମୋବାଇଲ ଜବତ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଚନ୍ଦନ ଚୋରି କରିବା ପାଇଁ ଗୌଡ଼ବାଡ଼ ସାହି, ବିଧବାଶ୍ରମ ଛକ, ମହାବୀର ଗଳିର ପ୍ରଭାସିନୀ ମଲ୍ଲିକଙ୍କ ଘରେ ପଶିଥିଲା । ଭୋରୁ ପ୍ରଭାସିନୀ ତାଙ୍କ ମୋବାଇଲ ଚୋରି ହୋଇଥିବା ଜାଣି ହଲ୍ଲା କରିଥିଲେ । ସକାଳେ ଚନ୍ଦନ ଦାସଙ୍କୁ ଧରି ପୁଲିସ ଜିମା ଦିଆଯାଇଥିଲା । ତଦନ୍ତ ସମୟରେ ଚନ୍ଦନ ତାର ଦୋଷ ସ୍ୱୀକାର କରିଥିଲା ଓ ତା' ଠାରୁ ଚୋରି ହୋଇଥିବା ମୋବାଇଲ ଫୋନ ଜବତ କରାଯାଇଥିଲା । ଏ ସଂକ୍ରାନ୍ତରେ ଆଇପିସିର ୪୫୭ ଓ ୩୮୦ ଦଫାରେ ୧୧୩/୨୦୨୨ ନମ୍ବର ମାମଲା ରୁଜୁ କରାଯିବା ସହ ଚନ୍ଦନକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ।

# କୁଇ ସମାଜ ସେବା ସମିତିର ବୈଠକ ଅନୁଷ୍ଠିତ

କନ୍ଧମାଳ 08/9( ^ò._â): କନ୍ଧମାଳ ଜିଲା କୁଇ ସମାଜ ସେବା ସମିତି ଫୁଲବାଣୀ ର ମାସିକ ବୈଠକ ସହ ଅଗଷ୍ଟ ମାସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି । ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ଲୁଇସିଂ ସରପଂଚ ତଥା କୁଇ ସମାଜ ସେବା ସମିତି ଫୁଲବାଣୀ ର ସଭାପତି ସୁଦର୍ଶନ କହଁର ଉଭୟ ବୟସାଧିକ ସତ୍ତ୍ୱେ ଚଳିତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀରେ ଉତିର୍ଣ୍ଣ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସରପଂଚ ମାନଙ୍କୁ ନେଇ ଏକ କର୍ମ ଶାଳା ଆୟୋଜନ କରିବାକୁ ପ୍ରସ୍ତାବ ରଖାଗଲା । ସମ୍ପାଦକ ଅବନୀ କହଁର ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ । ଯୁବ ପରିଷଦ ଉପ ସଭାପତି ଲଳିତ କୁମାର ମଲିକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଛାତ୍ର ମାନଙ୍କ ଦ୍ୱାରା ମଇଳା ସଫା ଓ କାଠ ବୁହା ଯାଉଥିବା ଅଭିଯୋଗ

ବାଲିଗୁଡା 08/9( ^ò._â): ବାଲିଗୁଡା ବ୍ଲକର ସୁଡ୍ରା ପଂଚାୟତ ସରକାରୀ ଉଚ ବିଦ୍ୟାଳୟ ର ଛାତ୍ର ମାନେ ଆବର୍ଜନା ସଫେଇ ସହ ଜଙ୍ଗଲରୁ କାଠ ବୋହି ଆଣୁଥିବା ଫଟୋ ସହିତ ଭିଡିଓ ସାମାଜିକ ଗଣ ମାଧ୍ୟମରେ ପ୍ରଘଟ ହୋଇଛି । ଆବାସିକ ବିଦ୍ୟାଳୟ ରେ ଅନୁସୂଚିତ ଜାତି ଓ ଜନ ଜାତି ବର୍ଗର ବିଦ୍ୟାର୍ଥୀ ଙ୍କୁ ସମସ୍ତ ସୁବିଧା ଯୋଗାଇବା ବ୍ୟବସ୍ଥା କରୁଥିବା ବେଳେ ଛାତ୍ର ମାନେ ମଇଳା ସଫେଇ ସହ ରୋଷେଇ ପାଇଁ କାଠ ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି । ପିଲା ମାନେ ନିଜ ଘର ଠାରୁ ଦୂରରେ ଏହି ବିଦ୍ୟାଳୟ ରେ ପାଠ ପଢନ୍ତି ପାଠ ପଢାଇବା ବଦଳରେ ସେମାନ ଙ୍କୁ ବିଭିନ୍ନ କାମରେ ଲଗାଇବା କେତେଦୂର ଯୁକ୍ତି ଯୁକ୍ତ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ଏଥିପାଇଁ ବିଭାଗୀୟ ଉଚ କର୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଶ୍ରୀନଅରରେ ମୁନିଆଁ ଉତ୍ସବ : ପ୍ରଚଳିତ ହେଲା ଗଜପତିଙ୍କ ୬୫ ଅଂକ

ପୁରୀ,୦୮/୯( ନି.ପ୍ର): ଆଜିଠାରୁ ଆରମ୍ଭ ହୋଇଛି ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କର ୬୫ ଅଙ୍କ ଓ ୧୪୩୦ ସାଲ । ପାରମ୍ପରିକ ରୀତିରେ ଶ୍ରୀନଅରରେ ମୁନିଆଁ ଉତ୍ସବ ପାଳିତ ହୋଇଯାଇଛି । ରାଜଗୁରୁ ମଙ୍ଗଳାର୍ପଣ କରିବା ପରେ ଛାମୁକରଣ ଖୋର୍ଦ୍ଧାର ବିନ୍ଧାଣି ଓ ପୌଜାର ପୂଜାମଣ୍ଡପ ଠାରୁ ଅବଧି ନେଇ ଅଙ୍କ କାଟିଥିଲେ । ଏହାପରେ ଗଜପତିଙ୍କ ଆଶୀର୍ବାଦ କରାଯିବା ସହ ଭେଟି ପ୍ରଦାନ କରାଯାଇଥିଲା । ରାଜାଙ୍କ ଉପରକୁ ପକାଯାଇଥିଲା ଅକ୍ଷତ ବା ଆଶୀର୍ବାଦ ଚାଉଳ । ପରମ୍ପରା ଅନୁଯାୟୀ ଛାମୁକରଣ, ତଢ଼ାଉକରଣ, ଦେଉଳକରଣ, ରାଜଗୁରୁ ଓ ରାଜ କର୍ମଚାରୀମାନେ ମୁନିଆଁ ଭେଟି ପ୍ରଦାନ କରିଥିଲେ । ରାଜପ୍ରସାଦରେ ଅନୁଷ୍ଠିତ ଏହି ରାଜକୀୟ ଉତ୍ସବରେ ଷୋଳଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣ ତଥା ବିଭିନ୍ନ ମଠର ମଠାଧୀଶ ଯୋଗ ଦେଇଥିଲେ ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଷଣ୍ଢର ମୃତ୍ୟୁ



କାଳିଆପାଣି ୦୮/୯( ନି.ପ୍ର): କାଳିଆପାଣି ସ୍ଥିତ କୋଳିପସି ଏନ୍‌ସିଡି କ୍ଲବ୍ ନିକଟରେ ଓଏମ୍‌ସି ଲାଇନ ବିଦ୍ୟୁତ୍ ତାର ଛିଣ୍ଡି ପଡିବାରୁ ଘଟଣାସ୍ଥଳରେ ଗୋଟିଏ ଷଣ୍ଢର ଜୀବନ ଚାଲିଗଲା । ସୂଚନା ମୁତାବକ ଗାଇଟି କ୍ଲବ ସାମନ୍‌ରେ ଚରୁଥିବା ସମୟରେ ତାର ଛିଣ୍ଡି ପଡିଥିଲା ଉକ୍ତ ଲାଇନ୍ ଥିବା ତାର ଉପରେ ଦେଇ ଷଣ୍ଢଟି ଅତିକ୍ରମ କରିଥିବା ସମୟରେ ତାର ସଂର୍ଶସ୍ପର୍ଶରେ ଆସି ଘଟଣାସ୍ଥଳରେ ଟଳି ପଡିଥିଲା । ଏହା ପରେ ସ୍ଥାନୀୟ ଲୋକେ ଓଏମ୍‌ସିର ବିଜୁଳି ବିଭାଗକୁ ଫୋନ୍ ଯୋଗେ ଯୋଗାଇବା ପରେ ପାଖାପାଖି ୪୫ ମିନିଟ୍ ପରେ ପହଚି ଥିଲେ । ଏଠି ପ୍ରଶ୍ନ ଉଠେ ଆଜି ସାଧାରଣ ପଶୁର ଜୀବନ ଚାଲି ଗଲା ସେ ସ୍ଥାନରେ ଅମୂଲ୍ୟ ଜୀବନଟିଏ ହେଇଥାନ୍ତା ସେଥିପାଇଁ ଦାଇ କିଏ ରହିଥାନ୍ତା ? ଏ ପଶୁର ମାଲିକକୁ କ୍ଷତିପୂରଣ କିଏ ଦେବ ତାହା କହିବେ କି ? ଯଦି ସ୍ଥାନୀୟ ଅଂଚଳରେ ବିଜୁଳି ବାବଦରେ ବହୁ ଅସୁବିଧା ସାମ୍‌ନାକୁ ଆସୁଥିବାବେଳେ ପୁରାତନ ତାରକୁ କାଢ଼ି ନୂତନ ତାର ଲଗାଇବା ଓ ସ୍ଥଶନୀୟ ଅଞ୍ଚଳରେ ଏକ ବିଜୁଳି ବିଭାଗର ଏକ କ୍ରର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିବା ଦେଖିବାକୁ ମିଳିଛି ।

# ଇମ୍‌ଫା ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ




କାଳିଆପାଣି ୦୮/୯( ନି.ପ୍ର): ଇମ୍‌ଫାର ସାମାଜିକ ଦାଇତ୍ୱବୋଧ ସଂସ୍ଥା ବି.ଆଇ.ପି.ଏଫ୍ ପକ୍ଷରୁ ଆଜି କଂସ ପଂଚାୟତରେ ଜାତୀୟ ପୋଷଣ ସପ୍ତାହ ପାଳନ କରାଯାଇଚି । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରର ପରିଦର୍ଶିକା ଶକୁନ୍ତଳା ସଏ ଉଦ୍‌ଘାଟନ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ଅସିରୁ ଉର୍ଦ୍ଧ୍ୱ ମହିଳାଭାଗ ନେଇଥିବାଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକମରେ ପୃଷ୍ଟିକର ଖାଦ୍ୟ, ଫଳ ଆଦି ପ୍ରଦର୍ଶିତ ହେବା ସହ ମା ଓ ଶିଶୁର ସ୍ଥାସ୍ଥ୍ୟ ନିମନ୍ତେ ଖାଦ୍ୟର ଗୁଣା ବଳିମାନ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ସୁଷମ ଖାଦ୍ୟ ସମ୍ବନ୍ଧୀୟ ଜଣା ଅଜଣା କାର୍ଯ୍ରକମ ମାଧ୍ୟମରେ ପୁସ୍କୃତ କରାଯାଇଥିଲା । ପ୍ରକାଶ ଥାଉକି ଗତ ତିନି ତାରିଖରେ ଜାତୀୟ ପୋଷଣ ସପ୍ତାହ ପାଳନର ପ୍ରଥମ କାର୍ଯ୍ୟକ୍ରମ ଭାବେ ଇମ୍ଫା ବିଆଇପିଏଫ ପକ୍ଷରୁ ସ୍ଥାନୀୟ କାଳିଆପାଣି ପଞ୍ଚାୟତ ଗୁରୁଜଙ୍ଗଠାରେ କାର୍ଯ୍ରକ୍ରମ ଅନୁଷ୍ଠିତ କରାଯାଇଥିଲା । ସୁକିନ୍ଦା ବ୍ଲକ ଶିଶୁ ମଙ୍ଗଳ ପ୍ରକଳ୍ପ ଅଧିକାରୀ ବିଦ୍ୟାଲକ୍ଷ୍ମୀ ମାରାଣ୍ଡି ଯୋଗ ଦେଇ ମା ଓ ଶିଶୁ ର ଉତ୍ତମ ସ୍ଥାସ୍ଥ୍ୟ ନିମନ୍ତେ ପୃଷ୍ଟିକର ଖାଦ୍ୟର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ଏହି କାର୍ଯ୍ୟକ୍ରମଟି ବିଆଇପିଏଫ୍ କାର୍ଯ୍ରକ୍ରମ ଅଧିକାରୀ ପ୍ରିୟବ୍ରତ ପରିଡା ପରିଚାଳନା କରିଥିବା ବେଳେ ଇମ୍‌ଫା ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମିଳନ ରଂଜନ କର ଶମ୍ଭୁନାଥ ନାୟକ, ସାଗର ଦାସ, ଗୀତାଞ୍ଜଳି ଦାସ, ଉମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ପଦ୍ମପୁରରେ ୧୨ ଘଣ୍ଟିଆ ବନ୍ଦ ପାଳନ



ପଦ୍ମପୁର ୦୮/୯( ନି.ପ୍ର):ଆଜି କୋଶଳ ରାଜ୍ୟ ଦାବିରେ ପଦ୍ମପୁର ଓ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି ଏଥିରେ ବହୁ ସଂଖ୍ୟାରେ କୋଶଳ ସଂଗ୍ରାମୀମାନେ ଯୋଗ ଦେଇ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ଦୋକାନ ବଜାର ଯାନ ବାହନ ସବୁ ବନ୍ଦ କରାଯାଇଛି ।

କିଛି ଜରୁରୀ କାଳୀନ ସେବା ବ୍ୟତିତ ଅନ୍ୟ ସବୁ ବନ୍ଦ କରାଯାଇଛି । ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ ହୋଇଥିଲା । ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ପାଇଁ ଆଗକୁ ଆନ୍ଦୋଳନ ଜାରି ରହିବ ଓ ଆଗାମୀ ଦିନରେ ଉଚିତ୍ ପଦକ୍ଷେପ ସରକାର ନେବାକୁ ଦାବି ହେଉଚି ।

# କନ୍ଧମାଳ ଜିଲାର ୬୬୮ ଗ୍ରାମକୁ ସ୍ୱାସ୍ଥ୍ୟ ସେବା ଅପହଂଚ,ବେ ସରକାରୀ ଭାବେ କେତେ ?

କନ୍ଧମାଳ, ସ୍ୱାଧୀନତାର ୭୫ ବର୍ଷ ପରେ ମ୍ନ ସରକାରୀ ହିସାବରେ ଏବେ ମ୍ନ କନ୍ଧମାଳ ଜିଲାର ୬୬୮ ଟି ଗ୍ରାମକୁ ସ୍ୱାସ୍ଥ୍ୟ ସେବା ପହଂଚି ପାରୁ ନଥିବା ଦର୍ଶା ଯାଇଛି । ହେଲେ ବେସରକାରୀ ଭାବେ ଏହା ୧ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ବୁଦ୍ଧି ଜୀବୀ ମାନେ ମତ ଦେଉଛନ୍ତି । ରାଜ୍ୟ ରେ କେବଳ ବିକାଶର ସ୍ଲୋଗାନ୍ ପ୍ରବଳ ଏଣେ ମୁଖ୍ୟମନ୍ତ୍ରୀ ଜୀବନ ବ୍ୟାପି ସାଧାନା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେଶର ଶ୍ରେଷ୍ଠ ମୁଖ୍ୟ ମନ୍ତ୍ରୀ ପୁରସ୍କାର ଦେଉଥିବା ବେଳେ ଭୁବନେଶ୍ୱର ଓ ଦିଲ୍ଲୀରେ ସ୍ୱାଗତ ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ । ହେଲେ ପ୍ରକୃତ ପକ୍ଷେ ତାହା ଆଦିବାସୀ ଅଂଚଳରେ ପ୍ରତି'ଳିତ ହେଉ ନାହିଁ । କନ୍ଧମାଳ ଜିଲାରେ ସ୍ୱାସ୍ଥ୍ୟ ସେବାର ଭିତି ଭୂମି ଅତ୍ୟନ୍ତ ଦୁର୍ବଳ । ଜିଲାରେ ୧୨ ଟି ବ୍ଲକ ଅନ୍ତର୍ଗତ ୧୭୧ ପଂଚାୟତରେ ପ୍ରାୟ ୬୬୮ ଟି ଗ୍ରାମକୁ ସ୍ୱାସ୍ଥ୍ୟ ସେବା ପହଂଚି ପାରୁ ନଥିବା ସରକାରୀ ରେକର୍ଡ କହୁଛି । ଏହାହିଁ ଏହି ଜିଲା ପାଇଁ ଦୁଃଖଦ ବିଷୟ । ଜିଲାରେ ଏଭଳି ଅନେକ ପଂଚାୟତ ଅଛି ଯେଉଁଠିକି ସବୁଦିନିଆ ରାସ୍ତା ନାହିଁ । ଗମନା ଗମନ ସୁବିଧା ନଥିବାରୁ ଏସବୁ ଗ୍ରାମରେ ସ୍ୱାସ୍ଥ୍ୟ ସେବା ପହଂଚିବା କଷ୍ଟକର ହେଉଛି । ବର୍ଷା ଦିନେ ରାସ୍ତା ନଥିବାରୁ ୩୩୪ ଟି ଗ୍ରାମ ସ୍ୱାସ୍ଥ୍ୟ ସେବାରୁ ବିଛିନ୍ନ ହୋଇ ପଡୁଛି । ଅନ୍ୟ ଗ୍ରାମ ଗୁଡିକୁ ବହୁ ଜଟିଳ ପରିସ୍ଥିତି ରେ ସ୍ୱାସ୍ଥ୍ୟ କର୍ମୀ ପହଂଚୁ ଥିବା ସ୍ୱାସ୍ଥ୍ୟ ବିଭାଗ କହିଛି । ରିପୋର୍ଟ ଅନୁସାରେ ୨୦୨୦-୨୧ ବର୍ଷରେ୩୬୦ ଟି ଗ୍ରାମକୁ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଅପହଂଚ ରହିଥିଲା । ଏ ମ୍ନରେ କିଛିଟା ପରିବର୍ତନ ଘଟି ୩୩୪ ରେ ପହଂଚିଥିବା ବିଭାଗ ତର'ରୁ କୁହାଯାଇଛି । ଜିଲାର ବହୁ ଅଂଚଳକୁ ଆମ୍ବୁଲେନ୍ସ ଯିବା ସହଜ ନଥିବା ବେଳେ ପାଦ ଚଲା ରାସ୍ତା ମ୍ନ ନାହଥିବା ସୂଚନା ଦେଇଛି । ସେଥି ମ୍ନରୁ 'ରିଙ୍ଗିଆ ବ୍ଲକ ର ସର୍ବାଧିକ ୧୧୨ ଟି ଗ୍ରାମ ରହିଛି । ବାଲିଗୁଡା ବ୍ଲକ ର ୬୨ଟି ଗ୍ରାମ, ଚକାପାଦ ବ୍ଲକ ର ୩୮ଟି ଗ୍ରାମ ,ଦାରିଙ୍ଗବାଡି ବ୍ଲକ ର ୫୭ଟି ଗ୍ରାମ , ଖଜୁରୀପଡା ବ୍ଲକ ର ୫୫ଟି ଗ୍ରାମ ,କୋଟଗଡ ବ୍ଲକ ର ୭୫ଟି ଗ୍ରାମ ,କ.ନୂଆଗାଁ ବ୍ଲକ ର ୭୬ଟି ଗ୍ରାମ ,'ୁଲବାଣୀ ବ୍ଲକ ର ୪୮ଟି ଗ୍ରାମ , ରାଇକିଆ ବ୍ଲକ ର ୩୪ଟି ଗ୍ରାମ ,ଟିକାବାଲି ବ୍ଲକ ର ୩୧ଟି ଗ୍ରାମ ,ତୁମୁଡି ବନ୍ଧ ବ୍ଲକ ର ୭୭ଟି ଗ୍ରାମ ଥିବା ବେଳେ ସର୍ବ ନିମ୍ନ ଭାବେ ଘୁ.ଉଦୟଗିରି ବ୍ଲକ ର ୪ ଟି ଗ୍ରାମ ରହିଛି । ଏ ସବୁ ଗ୍ରାମରେ ସଠିକ୍ ସ୍ୱାସ୍ଥ୍ୟ ସେବା ଯୋଗାଇବା ସମ୍ଭବ ପର ହୋଇ ପାରୁ ନାହିଁ ବୋଲି ବିଭାଗ ଦର୍ଶାଇଛି । ଏହା ମ୍ନରୁ ୩୩୪ ଟି ସମ୍ପୂର୍ଣ୍ଣ ଅପହଂଚ ଇଲାକା ରହିଛି ।

# ପାଲା ମାଧ୍ୟମରେ କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ମହୋଦଧିରେ ଅଗ୍ରପୂଜ୍ୟ ଗଜାନନଙ୍କୁ ବିଶର୍ଜନ

କୋଣାର୍କ: ୧୯୫୦ ମସିହାରେ ଗଠିତ ହୋଇଥିବା କୋଣାର୍କ ଗଣେଶ କମିଟି ଆନୁକୂଲ୍ୟରେ ବିଗତ ୭୨ ବର୍ଷ ଧରି କୋଣାର୍କ ଥାନା ଛକସ୍ଥିତ ନିଜସ୍ୱ ସ୍ଥାୟୀ ମଣ୍ଡପରେ ଅଗ୍ର ପୂଜ୍ୟ ଗଣନାଥଙ୍କ ପୂଜା ଓ ସପ୍ତ ଦିବସୀୟ ବାଦିପାଲା ମହାସମାରୋହରେ ଆୟୋଜିତ ହୋଇଆସୁଛି । ପାଶ୍ଚାତ୍ୟ ସଭ୍ୟତାର ପଛେରେ ନ ଗୋଡାଇ ପୁରାତନ ସଂସ୍କୃତିର ସୁରକ୍ଷା ଦିଗରେ କମିଟି ଅଗ୍ରାଧିକାର ଦେଇ ଆସିଛି । ଉଗ୍ର ଆଧୁନିକ ସଙ୍ଗୀତକୁ ପ୍ରାଧାନ୍ୟ ନ ଦେଇ ଏହି କମିଟି ଓଡ଼ିଶାର ପ୍ରାଚୀନ ଲୋକ କଳା ପାଲା ସଂକୃତିକୁ ଅଦ୍ୟାବଧି ବଞ୍ଚାଇ ରଖିଆସିଛି । ଆଧୁନିକ ଯୁଗରେ ପାଲା ପ୍ରତି ଲୋକଙ୍କର ରୁଚି କମିଯାଉଥିବା ବେଳେ କୋଣାର୍କ ଗଣେଶ କମିଟି ପକ୍ଷରୁ ଆୟୋଜିତ ହେଉଥିବା ଗଣେଶ ପୂଜା ଅବସରରେ ଆୟୋଜିତ ହୋଇଥାଏ ସପ୍ତଦିବସୀୟ ବାଦିପାଲା । କମିଟି ପକ୍ଷରୁ ଓଡ଼ିଶାର ୧୪୪ଜଣ ଲବ୍ଧପ୍ରତିଷ୍ଠିତ ପାଲା ଗାୟକ ଓ ତାଙ୍କ ସାଥୀମାନେ ଏହି ପୂରାତନ ମଞ୍ଚରେ ପାଲା ପରିବେଷଣ କରିସାରିଛନ୍ତି । ଏହି ମଞ୍ଚରେ ପାଲା ପରିବେଷଣ କରିବା ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ପାଲା ଗାୟକ ଓ ସାଥୀମାନେ ଆଗ୍ରହ ପ୍ରକାଶ କରିଥାନ୍ତି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆୟୋଜିତ ହୋଇଯାଇଛି ବାଦିପାଲା । କୋଣାର୍କର ସର୍ବପୁରାତନ ବଜାର ଥାନାଛକଠାରେ ଗଣେଶ କମିଟି ପକ୍ଷରୁ ପୂର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ପାଲା ପ୍ରେମୀମାନଙ୍କ ପାଇଁ ଖର୍ଚ୍ଚ ବହୁଳ ବର୍ଷା ପାଣି ନିରୋଧକ ଟେଣ୍ଟ ଓ ସୁଶୋଭିତ ରଙ୍ଗ ମଞ୍ଚରେ ଆୟେଜିତ ହୋଇଥିଲା ବାଦିପାଲା । ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା



ସହ ଜନମାନସରେ ସଚେତନତା ସୃଷ୍ଟି କରୁଥିବା ଏହି ବାଦିପାଲାକୁ ଉପଭୋଗ କରିବା ପାଇଁ କୋଣାର୍କ ଏନଏସି ସମେତ ଗୋପ, ଜୁଣେଇଁ, ବନାଖଣ୍ଡି, ସାରଡ଼ା, କୁରୁଜଙ୍ଗ, ଅନସରା, ସୁତନ, ନାଗପୁର, ଟିକନା, ବାଲିକପିଳେଶ୍ୱର ଓ ବାଲିଦୋକାନ, ଅଞ୍ଚଳରୁ ହଜାର ହଜାର ପାଲାପ୍ରେମୀ ଦର୍ଶକମାନେ ଏଠାକୁ ଆସି ବାଦିପାଲା ଦେଖିବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ଚଳିତବର୍ଷ ଅକ୍ଟୋବ ମାସ୩୧ ତାରିଖ ଗଣେଶ ଚତୁର୍ଥୀ ଦିନଠାରୁ କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ଚରପଡ ଗ୍ରାମର ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ସାଥି ଏବଂ ପୁରୀ ଜିଲ୍ଲା ଅନ୍ତର୍ଗତ ବାଙ୍ଗୋର ବରପଦା ଗ୍ରାମର ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ଓ ସାଥିମାନେ ବାଦପାଲା ପରିବେଷଣ କରିଥିଲେ । ଉଭୟ ଦଳର ପାଲାକାରମାନେ ରାମାୟଣ, ମହାଭାରତ, ଭାଗବତ, ଶିବ ପୁରାଣ, ବାୟୁ ପୁରାଣ, ବିଷ୍ଣୁ ପୁରାଣ, ପଦ୍ମ ପୁରାଣ, ସ୍କନ୍ଧ ପୁରାଣ ଇତ୍ୟାଦି ବିଭିନ୍ନ ଗ୍ରନ୍ଥମାନଙ୍କରୁ ସାହିତ୍ୟ ଅଳଙ୍କାର, ଚମ୍ପୁ, ଛାନ୍ଦ, ଦୋହା, ଓଡିଶୀ ଓ ବର୍ତ୍ତମାନ କଳଙ୍କିତ ସମାଜରେ ସୁଧାର ଆଣିବା ପାଇଁ ବିଭିନ୍ନ ଘଟଣା ବଳିକୁ ନେଇ ପାଲା ପରିବେଷଣ କରଥିଲେ । ପାଲା କଳାକାରମାନେ ଉଚ୍ଚକୋଟିର ପାଲା ପରିବେଷଣ କରୁଥିବାରୁ ପାଲାପ୍ରେମିମାନଙ୍କର ମଞ୍ଚପାଖରେ ଭିଡ ଦେଖିବାକୁ ମିଳିଥିଲା । ପ୍ରତ୍ୟହ ପ୍ରଥମ ପର୍ଯ୍ୟାୟ ସନ୍ଧ୍ୟା ୬ଟାରୁ ରାତି ୧୦ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ରାତି ୧୦ଟାରୁ ରାତି ୨ଟା ପର୍ଯ୍ୟନ୍ତ ଦୁଇ ପାଲା ଦଳର କଳାକାରଙ୍କ ମଧ୍ୟରେ ବାଦିପାଲା ଅନୁଷ୍ଠିତ ହୋଇଥିଲା । ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ ଭାବାବେଗର ପ୍ରଚାର ପ୍ରସାର ଦିଗରେ କୋଣାର୍କର ପାଲାମଣ୍ଡପରେ ପ୍ରଦର୍ଶିତ ହୋଇଥିବା ଏହି ବାଦିପାଲା ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରି ଆସୁଛି ବୋଲି ପାଲା ସମୀକ୍ଷକ ମାନେ ମତ ପ୍ରକାଶ କରିଥିଲେ ।

# ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ପଶ୍ଚିମ ଓଡ଼ିଶା ମହା ବନ୍ଦ ପାଳନ

ବଲାଙ୍ଗିର,୦୮/୯( ନି.ପ୍ର): ବଲାଙ୍ଗିର ସହରରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବୀ ନେଇ ଆଜି ୧୨ ଘଂଟିଆ ମହାବନ୍ଦ ପାଳନ କରାଯାଇଛି । ସହର ମଧ୍ୟରେ ଦୋକନ ବଜାର ଠପ୍ ହୋଇପଡିଥିବା ବେଳେ ସ୍ଥାନୀୟ ଲୋକେ ସ୍ୱତଃ ଏହି ମହାବନ୍ଦକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି । ଏହି କିଛିଦିନ ତଳେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବୀ ନେଇ ପଶ୍ଚିମ ଓଡିଶାର ବହୁ ସଂଗଠନ ବିଧାନସଭା ଘେରାଉ କରିଥିବା ବେଳେ ନିକଟରେ ଅର୍ଥନୈତିକ ଅବରୋଧ ମଧ୍ୟ କରାଯାଇଥିଲା । କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆଜିର ମହାବନ୍ଦ ଡାକରା ଦିଆଯାଇଥିବା ବେଳେ ବଲାଙ୍ଗିରର ବହୁ ସଂଗଠନ ଏହାକୁ ସମର୍ଥନ କରିଥିବା ସୂଚନା ମିଳିଛି । ତେବେ ଆଜି ସ୍ଥାନୀୟ କଚେରି ଛକରେ ମହାବନ୍ଦ ଅବସରରେ ଏକ ସଧାରଣ ସଭା ଆୟୋଜିତ ହୋଇ ବିଭିନ୍ନ କୋଶଳ ବାଦୀ ନେତା ସ୍ୱତନ୍ତ୍ର ରାଜ୍ୟର ଆବଶ୍ୟକତା ଆବଶ୍ୟକତା କାହିଁକି ସେ ସମ୍ପର୍କରେ ଯୁକ୍ତି ବାଢିଥିଲେ ଏହି ଅଂଚଳରେ ଖଣି ଖାଦାନ ପ୍ରାକୃତିକ ବିଭବ ଭରପୁର ରହିଛି, ଏଠାରୁ ସମ୍ପତି ନେଇ ଉପକୂଳରେ ବ୍ୟବସାୟୀ ଅଧିକାରୀ ମାନଙ୍କ ଅବସ୍ଥାରେ ଉନ୍ନତି ହେଉଥିବା ବେଳେ ଏଠାରେ ଗରୀବି ଦିନକୁ ଦିନ ବଢୁଥିବା ବେଳେ ବେକାରୀ ବଢୁଚି ବୋଲି ମତ ଦେଇଥିଲେ । ଆଜିର ବନ୍ଦ ପାଳନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ଆନ୍ଦୋଳନକାରୀ ମାନେ ଦଳ ଦଳ ହୋଇ ବିଭିନ୍ନ ଅଂଚଳକୁ ଯାଇ ବନ୍ଦ କରାଉଥିବା ବେଳେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ ।

# ୨ ବର୍ଷ ପରେ ପୁରୀରେ କାର୍ତ୍ତିକ ବ୍ରତ ପାଳିବେ ହବିଷ୍ୟାଳି



ପୁରୀ, ୦୮/୯( ନି.ପ୍ର): ଆସନ୍ତା ଅକ୍ଟୋବର ୧୦ତାରିଖରୁ ଆରମ୍ଭ ହେଉଛି କାର୍ତ୍ତିକ ବ୍ରତ । କରୋନା କଟକଣା ଯୋଗୁଁ ୨ ବର୍ଷ କାଳ ରାଜ୍ୟର ସମସ୍ତ ମନ୍ଦିର ବନ୍ଦ ରହିଥିବା ବେଳେ ପୁରୀ ଯିବାକୁ ହବିଷ୍ୟାଳୀଙ୍କୁ ବାରଣ କରାଯାଇଥିଲା । ହେଲେ ଚଳିତ ବର୍ଷ ସ୍ଥିତି ସାମାନ୍ୟ ଥିବାରୁ ଏଥର ହବିଷ୍ୟାଳିଙ୍କୁ ମିଳିଛି ଗ୍ରୀନ୍ ସିଗନାଲ । ୨ ବର୍ଷର ବ୍ୟବଧାନ ପରେ ଏଥର କାର୍ତ୍ତିକ ବ୍ରତ ଅବସରରେ ପ୍ରଶାସନ ପକ୍ଷରୁ ପୁରୀରେ ହବିଷ୍ୟାଳୀ ଶିବିର କରାଯିବ । ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଥିବା କହିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା ।

ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ପର୍ଯ୍ୟଟନ ଅଧିକାରୀ, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଆୟୋଜିତ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ, କାର୍ତ୍ତିକ ବ୍ରତଧାରୀ କାର୍ତ୍ତିକ ବ୍ରତଠାରୁ ଏକ ମାସ ଧରି ନରେନ୍ଦ୍ର କୋଣରେ ଥିବା ବୃନ୍ଦାବତୀ ନିବାସରେ ରହିବେ । ଏହି ନିବାସରେ ପ୍ରାୟ ୨ ହଜାର ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଉଛି । ସେମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି । ପ୍ରତିଦିନ ହବିଷ୍ୟାଳୀଙ୍କ ପାଇଁ ଶ୍ରୀମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସୁରକ୍ଷିତ ସ୍ନାନ ସହ ସୁରକ୍ଷା ବ୍ୟବସ୍ଥା ଏବଂ କାର୍ତ୍ତିକ ପୂରାଣ ପ୍ରବଚନର ବ୍ୟବସ୍ଥା କରାଯିବ । ନୂତନ ଗୃହରେ ଏହା କରାଯାଉଥିବାରୁ ବିଶେଷ ଦୃଷ୍ଟି ଦିଆଯାଉଛି । ସେଥିପାଇଁ ରେଜିଷ୍ଟ୍ରେସନ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ । ସୂଚନାଯୋଗ୍ୟ, ଗତ ୨ ବର୍ଷ କରୋନା ମହାମାରୀ ପାଇଁ କାର୍ତ୍ତିକ ମାସରେ ପୁରୀ ନ ଆସିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ହବିଷ୍ୟାଳୀଙ୍କୁ ପରାମର୍ଶ ଦିଆଯାଇଥିଲା । ଏପରିକି ବଡ଼ଦାଣ୍ଡରେ ଥିବା ଧର୍ମଶାଳା ଓ ଲଜ୍‌ରେ ହବିଷ୍ୟାଳିଙ୍କୁ ନ ରଖିବାକୁ ମଧ୍ୟ ତାଗିଦ କରିଥିଲା ପ୍ରଶାସନ । ତେଣୁ ୨ ବର୍ଷ କାଳ ସବୁ ଲଜ୍ ଓ ଧର୍ମଶାଳା ଖାଁ ଖାଁ ହୋଇଥିଲା । ବୟାସାଧିକ ହେତୁ ହବିଷ୍ୟାଳିଙ୍କୁ ଗହଳି ଭିତରକୁ ପୁରୀ ଆସିବାକୁ ବାରଣ କରାଯାଇଥିଲା । ଏହାସତ୍ତ୍ୱେ କାଳିଆ ଦର୍ଶନ ପାଇଁ କିଏ ବନ୍ଧୁ ବାନ୍ଧବଙ୍କ ଘରେ ତ କିଏ ଘର ଭଡ଼ା ନେଇ ରହୁଥିଲେ । ହେଲେ ଏଥର ସବୁ ସ୍ୱାଭାବିକ ଥିବାରୁ ପୁଣି ଥରେ ପୁରୀ ଯାଇ କାର୍ତ୍ତିକ ବ୍ରତ ପାଳନ କରିବାକୁ ଆଶା ରଖିଛନ୍ତି ହବିଷ୍ୟାଳୀ ।

# କୋଲକାତାରେ 'ମେକ୍ ଇନ୍ ଓଡ଼ିଶା-ରୋଡ୍ ସୋ'

## ଓଡ଼ିଶାରେ ବୟନଶିଳ୍ପ ଆକର୍ଷଣର କେନ୍ଦ୍ରବିନ୍ଦୁ ଓ ଏକ ଅଗ୍ରଣୀ କ୍ଷେତ୍ର :ମନ୍ତ୍ରୀ ରୀତା ସାହୁ

ଭୁବନେଶ୍ୱର, ୦୮ ସେପ୍ଟେମ୍ବର – ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ହେବାକୁ ଥିବା ତୃତୀୟ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୨ରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପକୁ ପ୍ରମୁଖ ସ୍ଥାନ ଦେବା ପାଇଁ ବୁଧବାର କୋଲକାତାଠାରେ ଏକ ରୋଡ୍ ସୋ'ର ଆୟୋଜନ କରାଯାଇଥିଲା । କୋଲକାତାଠାରେ ଏହି ରୋଡ୍ ସୋ'ରେ ଯୋଗଦାନ କରି ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ କହିଲେ ଯେ, ହସ୍ତତନ୍ତ ଓ ବୟନଶିଳ୍ପ ଏପରି ଏକ କ୍ଷେତ୍ର ଯେଉଁଥିରେ ଓଡ଼ିଶା ଆଗାମୀ ଦିନରେ ଅଧିକ ଅଭିବୃଦ୍ଧି ହାସଲ କରିବା ଲକ୍ଷ୍ୟ ରଖିଛି । ଓଡ଼ିଶାରେ ବୟନଶିଳ୍ପ ଆକର୍ଷଣର କେନ୍ଦ୍ରବିନ୍ଦୁ ଓ ଏକ ଅଗ୍ରଣୀ କ୍ଷେତ୍ର । ପୁଂଜିନିବେଶକାରୀମାନେ ଓଡ଼ିଶାରେ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଅଧିକ ପୁଂଜି ବିନିଯୋଗ କରିବାକୁ ମନ୍ତ୍ରୀ ଶ୍ରୀମତୀ ସାହୁ ଆହ୍ୱାନ ଦେଇଥିଲେ । ଏହି ରୋଡ୍ ସୋ'ରେ ଉଦ୍‌ବୋଧନ ଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଉପସ୍ଥିତ ଥିବା ସମସ୍ତ ନିବେଶକମାନଙ୍କୁ ଓଡ଼ିଶାରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ପ୍ରତ୍ୟକ୍ଷ ଭାବରେ ଯୋଗଦେଇ ଓଡ଼ିଶାରେ ଉପଲବ୍ଧ ଥିବା ସୁଯୋଗ ସଂପର୍କରେ ଅବଗତ ହେବା ପାଇଁ ଅନୁରୋଧ କରିଥିଲେ । ଓଡ଼ିଶା ସବୁବେଳେ ଅନନ୍ୟ ହସ୍ତତନ୍ତ ପାଇଁ ପ୍ରସିଦ୍ଧି ଲାଭ କରିଛି ବୋଲି ଦୋହରାଇବା ସହ ଟେକ୍‌ନିକାଲ ଟେକ୍ସଟାଇଲ୍ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି ବୋଲି ଶ୍ରୀମତୀ ଶର୍ମା ଉଲ୍ଲେଖ କରିଥିଲେ । ଓଡ଼ିଶା ବୟନ ନୀତି (ଟେକ୍ସଟାଇଲ୍ ପଲିସି) ଏକ ସର୍ବୋତମ ଶିଳ୍ପନୀତି ଭାବେ ପରିଗଣିତ ବୋଲି ଶ୍ରୀମତୀ ଶର୍ମା ତାଙ୍କ ଉଦ୍‌ବୋଧନରେ କହିଥିଲେ । ଓଡ଼ିଶା ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଏହି ଅବସରରେ ଉଦ୍‌ବୋଧନ ଦେଇ ନିବେଶକାରୀମାନେ ଓଡ଼ିଶାରେ ସେମାନଙ୍କର ଟେକ୍ସଟାଇଲ୍ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ପଶ୍ଚିମବଙ୍ଗ ରାଜ୍ୟ ପରିଷଦ ଏବଂ ଚାରମୋକ୍ ହସ୍‌ପିଟାଲ୍ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ଶର୍ମା ଓଡ଼ିଶା ସରକାରଙ୍କର ଏଭଳି ଦୃଢ଼ ପଦକ୍ଷେପ ଏବଂ ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟିର ଭୂୟସୀ ପ୍ରଶଂସା କରିବା ସହିତ ମେକ୍ ଇନ୍ ଓଡ଼ିଶାରେ ଯୋଗଦାନ କରିବା ପାଇଁ ନିବେଶକମାନଙ୍କୁ ଅନୁରୋଧ କରିଥିଲେ । ଆଦିତ୍ୟ ବିର୍ଲା ଗ୍ରୁପ୍ ର ଓଡ଼ିଶା ମୁଖ୍ୟ ଶ୍ରୀ ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ ଇଣ୍ଡିଆନ୍ ଅଏଲ୍ ର ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ଶିଳ୍ପନୀତି ଓ ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ । ୧୫୦ରୁ ଅଧିକ ଶିଳ୍ପ ପ୍ରତିନିଧି ଓ ଟେକ୍ସଟାଇଲ୍ ଏବଂ ଆପାରେଲ୍ ଇଣ୍ଡଷ୍ଟ୍ରିର ୧୫ ଜଣ ପ୍ରତିନିଧି ଏହି ରୋଡ୍ ସୋରେ ଯୋଗଦାନ କରିଥିଲେ ।




# ନୀଳ ଗଗନ ପାଇଁ ବିଶୁଦ୍ଧ ବାୟୁ ଶୀର୍ଷକ ଆନ୍ତର୍ଜାତୀୟ ଦିବସ ପାଳନ

ଭୁବନେଶ୍ୱର, ୦୮ ସେପ୍ଟେମ୍ବର – ଭୁବନେଶ୍ୱରରେ ବୁଧବାର "ନୀଳ ଗଗନ ପାଇଁ ବିଶୁଦ୍ଧ ବାୟୁ" ଶୀର୍ଷକ ଆନ୍ତର୍ଜାତିକ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏକ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ବାୟୁ ପ୍ରଦ୍ୟୁଷଣ କରୁଥିବା ଅନେକ କାରକ ଗୁଡିକୁ ସାଧାରଣତଃ ଖାଲି ଆଖିରେ ଦେଖିହୁଏ ନାହିଁ । ତେଣୁ ବାୟୁ ପ୍ରଦ୍ୟୁଷଣ ବିଷୟରେ ଲୋକମାନଙ୍କୁ ସଠିକ୍ଭାବେ ଜଣାଇବା ପାଇଁ ବ୍ୟାପକ ଓ ସଘନ ସଚେତନତା କାର୍ଯ୍ୟକ୍ରମ କରାଯିବା ଦରକାର । ସେ କହିଥିଲେ ଯେ ବାୟୁର ଜିଲ୍ଲା, ରାଜ୍ୟ ବା ଦେଶ ଆଦି ପରିସର ନାହିଁ । ତେଣୁ ସମସ୍ତ ପ୍ରଦ୍ୟୁଷଣର କାରକ ଓ ବସ୍ତୁକୁ ସେଗୁଡିକର ସୃଷ୍ଟି ସ୍ଥାନରେ ହିଁ ସତର୍କତାର ସହ ନିୟନ୍ତ୍ରଣ କରାଯିବା ଆବଶ୍ୟକ । ବର୍ତମାନ ଉଭୟ ବ୍ୟକ୍ତିଗତ ଓ ସାଙ୍ଗଠନିକ ସ୍ତରରେ ବାସ୍ତବ କାର୍ଯ୍ୟ, ସଘନ ସଚେତନତା ଏବଂ ନିୟମଗୁଡିକର ଦୃଢ଼ ପ୍ରବର୍ତନ ଜାରି ରଖିବାକୁ ଶ୍ରୀ ମହାପାତ୍ର ଆଲୋଚନା ଚକ୍ରରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଭୟ ନୀତି ନିର୍ଦ୍ଧାରଣ ଏବଂ କ୍ଷେତ୍ରାୟନ ସ୍ତରରେ ପୂର୍ଣ୍ଣ ସମନ୍ୱୟ ଓ ସହଭାଗିତା ସହ କାମ କରିବାକୁ ଶ୍ରୀ ମହାପାତ୍ର କହିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଥିଲେ ଯେ ୨୦୧୯ ମସିହାରେ ଆରମ୍ଭ କରାଯାଇଥିବା ଜାତୀୟ ବିଶୁଦ୍ଧ ବାୟୁ କାର୍ଯ୍ୟକ୍ରମ (ଏନ୍.ସି.ଏ.ପି.) ରେ ଆସନ୍ତା ୫ ମଧ୍ୟରେ ୨୦ ରୁ ୩୦ ପ୍ରତିଶତ ବାୟୁ ପ୍ରଦ୍ୟୁଷଣ କମାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ସମସ୍ତେ ମିଳିତଭାବେ କାର୍ଯ୍ୟକଲେ ଆମେ ଏହି ଲକ୍ଷ୍ୟ ହାସଲ କରିବା ସହ ଓଡ଼ିଶାକୁ ଏକ ଉତ୍ତମ ବାସଯୋଗ୍ୟ ରାଜ୍ୟରେ ପରିଣତ କରିପାରିବା । ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ ଯେ ବର୍ତମାନ ପୃଥିବୀ ଜନସଂଙ୍ଖ୍ୟାର ଏକ ସିଂହଭାଗ ପ୍ରଦ୍ୟୁଷଣ ବଳୟରେ ଅଛନ୍ତି । ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଏହି ସମସ୍ୟା ଅଧିକ ଜଟିଳ । ଓଡ଼ିଶାରେ ପରିବହନ ଜାତ ବାୟୁ ପ୍ରଦ୍ୟୁଷଣ କମାଇବା ପାଇଁ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିବା ଇ-ଯାନ ବ୍ୟବହାରକୁ ପ୍ରୋତ୍ସାହନ, ଅଧିକ ପ୍ରଦ୍ୟୁଷଣ ସୃଷ୍ଟିକାରୀ ପୁରୁଣା ଗାଡିଗୁଡିକୁ ରାସ୍ତାରୁ ହଟାଇବା, ଇ-ଯାନ ଉତ୍ପାଦନ ନିମନ୍ତେ ସରକାରୀ ସହଯୋଗ ଓ ସବ୍ସିଡ଼ି ଆଦି ବିଷୟରେ ଶ୍ରୀ ସେଠୀ ସବିଶେଷ ସୂଚନା ଦେଇଥିଲେ । ପରିବେଶ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ ଏବଂ ପୌରାଞ୍ଚଳ ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ନିଜ ନିଜ ବିଭାଗରେ ବର୍ଜ୍ୟବସ୍ତୁ ପରିଚାଳନା , ପ୍ରଦ୍ୟୁଷଣ ଆଦି ନିମନ୍ତେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ଼ାକ୍ତର କେ.ମୁରୁଗେଶାନ ଆଲୋଚନା ଚକ୍ରର ମୁଖ୍ୟ ବିଷୟ ଉପସ୍ଥାପନ କରିବା ସହ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ପରେ ପରେ ୨ ଟି ବୈଷୟିକ ବୈଠକରେ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟତଃ ଜାତୀୟ ବିଶୁଦ୍ଧ ବାୟୁ ପ୍ରଦ୍ୟୁଷଣ କାର୍ଯ୍ୟକ୍ରମ, ଏନ୍.ସି.ଏ.ପି.ର ପ୍ରାଣ ପୋର୍ଟାଲ, ପ୍ରଦ୍ୟୁଷଣ ନିର୍ଗମନ ଏବଂ ଉତ୍ସରେ ଏହାର ନିୟନ୍ତ୍ରଣ, ସାଟେଲାଇଟ୍ ମଧ୍ୟରେ ବାୟୁ ପ୍ରଦ୍ୟୁଷଣ ନିରୀକ୍ଷଣ, ପ୍ରଦ୍ୟୁଷଣ କାରକଗୁଡ଼ିକର ବାୟୁର ଗୁଣାତ୍ମକମାନ ଉପରେ ପ୍ରଭାବ ପ୍ରକ୍ରିୟା ଆଦି ବିଷୟରେ ଆଲୋଚନା ହୋଇଥିଲା । ଡ଼ାକ୍ତର ନିହାର ରଂଜନ ସାହୁ, ସୋନାଲ୍ ଜେନ୍, ପ୍ରଫେସର କାକୋଲି କେ.ପଲ୍, ଅନୁମିତା ରାୟଚୌଧୂରୀ, ଡ଼ାକ୍ତର ଯୋଗେଶ ସାଠେ, ଡ଼ାକ୍ତର ଭିନୋଜ ଭି. ଏବଂ ଡ଼ାକ୍ତର ବୋପତୀ ଆର ପ୍ରମୁଖ ବିଶେଷଜ୍ଞମାନେ ଏସବୁ ବିଷୟ ଉପରେ ନିଜ ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

# ସରକାରୀ କାର୍ଯ୍ୟାଳୟ ମାନଙ୍କରେ ପର୍ଯ୍ୟାୟକ୍ରମେ ଇଲେକ୍ଟ୍ରିକ ଯାନ ଚଳା ଯିବ - ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୦୮ ସେପ୍ଟେମ୍ବର – ସରକାରୀ ଅଫିସ ମାନଙ୍କରେ ପେଟ୍ରୋଲ- ଡିଜେଲରେ ଚାଲୁଥିବା କାରଣରୁ ହେଉଥିବା ପରିବେଶ ପ୍ରଦୂଷଣ କମ କରିବାକୁ ଇଲେକ୍ଟ୍ରିକ ବାହନ ଚଳାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ କହିଛନ୍ତି । ସେ କହିଛନ୍ତି ଯେ ଭୁବନେଶ୍ୱର ଓ କଟକରେ ସବୁଠାରୁ ଅଧିକ ବାହନ ଚାଲୁଛି । ଏକା ସହିତ ସରକାରୀ ଅଫିସରେ ଇ ଭେହିକଲ ଚଳା ଯିବା ସମ୍ଭବ ନୁହେଁ । ତେଣୁ ପର୍ଯ୍ୟାୟ କ୍ରମେ ସରକାରୀ ଅଫିସ ମାନଙ୍କରେ ଚାଲୁଥିବା ଗାଡିକୁ ଇ ଭେହିକଲ କରା ଯିବ ବୋଲି ସେ କହିଛନ୍ତି । ଏ ନେଇ ଶୀଘ୍ର ଏକ ଉଚ୍ଚସ୍ତରୀୟ ଆଲୋଚନା ହେବ ବୋଲି ସେ ସୂଚନା ଦେଇଛନ୍ତି ।

# ଏଇ ସପ୍ତାହରେ ଓସିଏସି ଲିଖିତ ପରୀକ୍ଷା ରେଜଲ୍ଟ

ଭୁବନେଶ୍ୱର, ୦୮ ସେପ୍ଟେମ୍ବରେ- ଏଇ ସପ୍ତାହ ଶେଷ ସୁଦ୍ଧା ପ୍ରକାଶ ପାଇବ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍ ) -୨୦୨୦ ଲିଖିତ ପରୀକ୍ଷା ଫଳ । ରେଜଲ୍ଟ ନେଇ ଓପିଏସସି ଅଧକ୍ଷ ସତ୍ୟଜିତ ମହାନ୍ତିଙ୍କ ଟୁଇଟ୍ ଯୋଗେ ଏହି ସୂଚନା ଦେଇଛନ୍ତି । ସେହିପରି ସେପ୍ଟେମ୍ବର ୩ୟ ସପ୍ତାହରେ ସାକ୍ଷାତକାର ପରୀକ୍ଷା ଆରମ୍ଭ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି । ଅଧିକ ବିବରଣୀ ପାଇଁ ଓପିଏସସିର ୱେବସାଇଟ୍ ଦେଖିବାକୁ ସେ ପରାମର୍ଶ ଦେଇଛନ୍ତି ।

# ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଠିଆହେଲେ ଦେଖାଯିବ ସ୍ୱର୍ଗଦ୍ୱାର

## ବାଲିସାହି-ସମୁଦ୍ରକୂଳ ରାସ୍ତା ହେବ ୪୦ ଫୁଟ୍ ଚଉଡା

ପୁରୀ ୦୮/୯( ନି.ପ୍ର): ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଠିଆହେଲେ ଦେଖାଯିବ ସ୍ୱର୍ଗଦ୍ୱାର । ତେଣୁ ୪୦ ଫୁଟ୍ ଚଉଡ଼ା ହେବାକୁ ଯାଉଛି ବାଲିସାହି-ସମୁଦ୍ରକୂଳ ରାସ୍ତା । ସେଥିପାଇଁ ଜିଲ୍ଲା ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଅଧିକ ସଶକ୍ତ କରିବା ଲାଗି ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟକୁ କାର୍ଯ୍ୟକାରୀ କରିବାକୁ ପୁରୀ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ିଛି । ଇତି ମଧ୍ୟରେ ଜିଲ୍ଲା ପ୍ରଶାସନ ବାଲି ସାହି ଅଞ୍ଚଳର କେତେକ ମୁରବି ଶ୍ରେଣୀୟ ଲୋକଙ୍କୁ ଡାକି ପ୍ରଥମ ପର୍ଯ୍ୟାୟ ଆଲୋଚନା କରିଛି । ପ୍ରଶାସନ ପ୍ରଥମେ ଏହି ରାସ୍ତା ୬୦ ଫୁଟ୍ ଚଉଡ଼ା କରିବାକୁ ଯୋଜନା କରିଥିଲା । ହେଲେ କଡ଼ା ଆପତ୍ତି ଉଠିବାରୁ ଏହାକୁ କମାଇ ୪୦ ଫୁଟ୍ ରଖିବାକୁ ସ୍ଥିର କରିଛି । ତେଣେ ଅଞ୍ଚଳବାସୀ କିନ୍ତୁ ୩୦ ଫୁଟ୍ ଭିତରେ ରାସ୍ତା ପ୍ରଶସ୍ତିକରଣ ସୀମିତ ରଖିବାକୁ ଦେଇଛନ୍ତି ପ୍ରସ୍ତାବ । ଯଦି ଏଥିରେ ବ୍ୟତିକ୍ରମ ଘଟେ, ତାହା ହେଲେ ଏହାକୁ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟକ୍ରମ ପାଇଁ ସମସ୍ତ ପକ୍ଷଙ୍କ ସହ ସବିଶେଷ ଆଲୋଚନା ହେଉଛି । କାମ ଶୀଘ୍ର ଆଗେଇବ । ଦେଖିବାକୁ ଗଲେ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟ କାକୁଡ଼ିଖାଇ ଛକ ପାଖରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯାଇଥିବା ବାଲି ସାହି ରାସ୍ତା ବେଶ୍ ଜନଗହଳିପୂର୍ଣ୍ଣ ହୋଇଥାଏ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ସମୁଦ୍ରକୂଳକୁ ଯାତ୍ରୀମାନେ ଏହି ବାଟ ଦେଇ ଯାଇଥାଆନ୍ତି । ଏହି ରାସ୍ତାଟି କେଉଁଠି ଓସାରିଆ ତ କେଉଁଠି ଅଣ ଓସାରିଆ । ଚାରି ଚକିଆ ଯାନଟିଏ ଆଦୌ ଯାଇପାରିବ ନାହିଁ । କାରଣ ରାସ୍ତା ସାରା ଛୋଟବଡ଼ ଦୋକାନ ସହ ମଠ ଓ ମନ୍ଦିରର ଯାଗା ମଧ୍ୟ ରହିଛି । ତା'ସହ ରାସ୍ତାକଡ଼ରେ ଶହ ଶହ ଛୋଟ ବଡ଼ ଦୋକାନ କରି ଲୋକେ ଗୁଜୁରାଣ ମେଣ୍ଟାଉଛନ୍ତି । ତେଣୁ ରାସ୍ତା ପ୍ରଶସ୍ତିକରଣ କଥା ଶୁଣି ଅନେକ ବ୍ୟବସାୟୀଙ୍କ ମନରେ ପଶିଲାଣି ଛନକା । ସେମିତି ଜଣେ ହେଲେ ଖଜା କାରିଗର ଗଗନ ବିହାରୀ ପଣ୍ଡା । ସେ କହିଛନ୍ତି, ରାସ୍ତା ଚଉଡ଼ା ହେଲେ ଦୋକାନ ଭାଙ୍ଗିବ । ତାଙ୍କ ଜୀବୀକା ଚାଲିଯିବ । ସେମିତି ଆଉ କିଛି ସାହି ବାସିନ୍ଦା ଜିଲ୍ଲାପ୍ରଶାସନ ବୈଠକରେ ଯୋଗ ଦେଇଥିବା ବାହାର ଲୋକଙ୍କ ଉପସ୍ଥିତିକୁ ନେଇ କଡ଼ା ଆପତ୍ତି ଉଠାଇଥିବା ବେଳେ ଆଉ କିଛି କହିଛନ୍ତି ଆଗେ ଥଇଥାନ, ତା'ପରେ ରାସ୍ତା ପ୍ରଶସ୍ତିକରଣ । ଶ୍ରୀମନ୍ଦିର-ସ୍ୱର୍ଗଦ୍ୱାର ରାସ୍ତା ପ୍ରଶସ୍ତିକରଣ ଭଳି ଶ୍ରୀମନ୍ଦିର-ଲୋକନାଥ ମନ୍ଦିର ରୋଡକୁ ମଧ୍ୟ ଚଉଡ଼ା କରିବାକୁ ଯୋଜନା ରଖିଛି ପୁରୀ ଜିଲ୍ଲା ପ୍ରଶାସନ । ସେଥିପାଇଁ ମଧ୍ୟ ଆରମ୍ଭ ହୋଇ ସାରିଛି ଆନୁସଙ୍ଗିକ ପ୍ରକ୍ରିୟା ।



# 'ରାଉରକେଲା ହକି ଷ୍ଟାଡିୟମର ଅଗ୍ରଗତି ସନ୍ତୋଷଜନକ, ଉତ୍ସାହବର୍ଦ୍ଧକ'

## ରାଉରକେଲାରେ ଅନ୍ତର୍ଜାତୀୟ ହକି ମହାସଂଘ, ହକି ଇଣ୍ଡିଆ ପ୍ରତିନିଧି ଦଳ



ରାଉରକେଲା,୦୮/୯( ନି.ପ୍ର): ଅନ୍ତର୍ଜାତୀୟ ହକି ମହାସଂଘ, ହକି ଇଣ୍ଡିଆ ଓ ରାଜ୍ୟ କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ରାଉରକେଲା ବିପିୟୁଟି ପରିସରରେ ନିର୍ମାଣାଧୀନ ବୀର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରିଛନ୍ତି । ପ୍ରତିନିଧି ଦଳ ଷ୍ଟାଡିୟମ ବୁଲି ଦେଖିବାସହ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କରିଥିଲେ । ଏହାସହ ଷ୍ଟାଡିୟମ କମ୍ପ୍ଲେକ୍ସ ପରିସରରେ ନିର୍ମିତ ହକି ଅଭ୍ୟାସ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏହି କେନ୍ଦ୍ରରେ ଏଫ୍‌ଆଇଚ୍ ମାନ୍ୟତା ଟର୍ଫ୍ ବିଶିଷ୍ଟ ଅଭ୍ୟାସ ପଡ଼ିଆ, ୨ ଶହ ଦର୍ଶକଙ୍କ ବସିବା ପାଇଁ ବ୍ୟବସ୍ଥା, ଫ୍ଲଡ୍ ଲାଇଟ୍, ଚେଞ୍ଜିଂ ରୁମ୍, ରିକଭରି ଏରିଆ, ଫିଟ୍‌ନେସ କେନ୍ଦ୍ର ସମେତ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ବ୍ୟବସ୍ଥା ଉପଲବ୍ଧ । ରାଉରକେଲା ଏୟାରପୋର୍ଟ୍ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଷ୍ଟାଡିୟମ ସମେତ ନିର୍ମାଣାଧୀନ ଏୟାରପୋର୍ଟ ସଂପ୍ରସାରଣ କାର୍ଯ୍ୟ, ରାସ୍ତା, ଆନୁସଙ୍ଗିକ ଭିତ୍ତିଭୂମି ବିକାଶ, ନବୀକରଣ, ସୌନ୍ଦର୍ଯ୍ୟୀକରଣ ପ୍ରକଳ୍ପଗୁଡ଼ିକ ସମୀକ୍ଷା କରିଥିଲେ । ଏହି ପ୍ରତିନିଧି ଦଳରେ ଅନ୍ତର୍ଜାତୀୟ ହକି ମହାସଂଘର କାର୍ଯ୍ୟକାରୀ ସଭାପତି ସୈଫ ଅହମଦ, ସିଇଓ ଥିଏରୀ ୱିଲ, ହକି ଇଣ୍ଡିଆ ପ୍ରଶାସନିକ କମିଟି ସଦସ୍ୟ ଡ. ଏସ.ୱାଇ କ୍ୟୁରେସୀ, ଜାଫର ଇକୱାଲ, ଇଡ୍‌କୋ ଅଧ୍ୟକ୍ଷ ହେମନ୍ତ ଶର୍ମା, ରାଜ୍ୟ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂହ ପୁନିଆ ପ୍ରମୁଖ ସାମିଲ ଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଏସ୍‌ପି ମୁକେଶ ଭାମୁ ପ୍ରମୁଖ ସାମିଲ ଥିଲେ । ହକି ମହାସଂଘ ଓ ହକି ଇଣ୍ଡିଆର ପ୍ରତିନିଧି ଏଠାକାର ତ୍ୱରାନ୍ୱିତ ନିର୍ମାଣକାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । କହିଲେ, ନିର୍ମାଣାଧୀନ ହକି ଷ୍ଟାଡିୟମର ଅଗ୍ରଗତି ବେଶ୍ ସନ୍ତୋଷଜନକ ଓ ଉତ୍ସାହବର୍ଦ୍ଧକ ମଧ୍ୟ । ଏହା କେବଳ ଭାରତର ନୁହେଁ, ବରଂ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ । ଯେଉଳି ଢ଼ଙ୍ଗରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଉଛି, ସେଥିପାଇଁ ଓଡିଶା ସରକାର ଓ ହକି ଇଣ୍ଡିଆକୁ ଅଭିନନ୍ଦନ । ରାଉରକେଲା ଓ ଭୁବନେଶ୍ୱରରେ ଏକ ଉତ୍କୃଷ୍ଟ ବିଶ୍ୱକପ୍ ଆୟୋଜନ ପାଇଁ ଆମେ ଲକ୍ଷ୍ୟ ରଖିଛୁ । ଅନ୍ତର୍ଜାତୀୟ ହକି ମହାସଂଘ, ହକି ଇଣ୍ଡିଆ ଓ ଓଡ଼ିଶା ସରକାରଙ୍କ ସମ୍ମିଳିତ ପ୍ରୟାସ ଯୋଗୁଁ ଆଗାମୀ ବିଶ୍ୱକପ୍ ପୁନର୍ବାର ହକି ଜଗତ ଉପରେ ପ୍ରଭାବ ପକାଇବ । ସଫଳ ଆୟୋଜକ ହେବାକୁ ଓଡ଼ିଶାର ଉତ୍ସାହ ଆମ ଭିତରେ ଏଭଳି ଆତ୍ମବିଶ୍ୱାସ ଜନ୍ମାଇଛି । ଆୟେଜନ ଦାୟିତ୍ୱ ସୁରକ୍ଷିତ ହାତରେ ଥିବାରୁ ଓଡ଼ିଶାରେ ଏଭଳି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନବେଳେ ଆମେ ସର୍ବଦା ନିଶ୍ଚିତ ଥାଉ । ଦକ୍ଷ ରାଜନୈତିକ ନେତୃତ୍ୱ ଯୋଗୁଁ ଏହା ସମ୍ଭବପର ହୋଇଛି ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା